SANCHAR
# ସଂଚାର
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 170 | ଭାଗ ୩୨ | ସଂଖ୍ୟା ୧୭୦
Bhubaneswar | Sunday 8 September 2024 | Page 8 ₹ 4.00
ଭୁବନେଶ୍ୱର | ରବିବାର ୮ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


ନୂଆଁଖାଇ ଜୁହାର

## ଓଡ଼ିଶାରେ ରହିଛି ଭରପୂର ସୁଯୋଗ



ଭୁବନେଶ୍ୱର, ୭।୯(ସଂଚାର ବ୍ୟୁରୋ): ଓଡ଼ିଶାରେ ହେବ ସେମି କଣ୍ଡକ୍ଟର ହବ । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି ସେମିକନ୍ ଦିଲ୍ଲୀର କର୍ପୋରେଟ ଭାଇସ ପ୍ରେସିଡେଣ୍ଟ ଡକ୍ଟର ଆର ସମ୍ମିନାଥନ। ଲୋକସେବା ଭବନର ସି ଏମ୍ କନଫରନସ ହଲରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହ ଆଲୋଚନା କରିଛନ୍ତି ସମ୍ମିନାଥନ। ସେମି କଣ୍ଡକ୍ଟର ବ୍ୟବହାର ନେଇ ରାଜ୍ୟରେ ଭରପୁର ସୁଯୋଗ ରହିଛି । ବିଶେଷକରି ଭୁବନେଶ୍ୱର ରେ ମଧ୍ୟରେ ସବୁ ସୁବିଧା ସୁଯୋଗ ରହିଛି. ଏହା ସହିତ ଓଡ଼ିଶାରେ ଆଇଆଇଟି, ନାଇଜର ଭଳି ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ରହିଛି ଯାହା ସେମି କଣ୍ଡକ୍ଟ ଜରିଆରେ ଭରପୁର ସୁଯୋଗ ଆଣିପାରିବ । କେବଳ ସୁଯୋଗ ନୁହେଁ ଏହା ମଧ୍ୟ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହୋଇପାରିବ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ ପରେ ଏହା କହିଛନ୍ତି ଡ଼. ଆର ସମ୍ମିନାଥନ। ପୂର୍ବରୁ ଏହି କ୍ଷେତ୍ରରେ ବିକାଶଧାରାକୁ ତ୍ୱରିତ କରିବା ପାଇଁ ବିଭିନ୍ନ ପ୍ରତିଷ୍ଠିତ ବ୍ୟବସାୟିକ ଅନୁଷ୍ଠାନ ରହିଛନ୍ତି ତେଣୁ ଏହା ଓଡ଼ିଶାର ସାମଗ୍ରୀକ ବିକାଶରେ ଉନ୍ନତି କରିପାରିବ ବୋଲି ମତ ଦେଇଛନ୍ତି ସମ୍ମିନାଥନ।

# ଫେଲ୍ ମାରିଲା ନବୀନଙ୍କ 'ଥଇଥାନ ପରିଷଦ'



### ପ୍ରତାରଣାର ଜବାବ ଦେଲେ ଆଦିବାସୀ ଭୋଟର

ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ) : ରାଜ୍ୟର ସରଳ ମତାଦାତା ଆଦିବାସୀମାନଙ୍କ ଭୋଟ୍ ହାତେଇବା ପାଇଁ ଅତ୍ୟନ୍ତ ଚତୁର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଇ ଥରରେ ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଗଠନ କରିଥିଲେ। ଆଦାବସୀମାନଙ୍କର ସାମାଜିକ, ଶୈକ୍ଷିକ ଓ ଅର୍ଥନୈତିକ ବିକାଶ ନୁହେଁ କେବଳ ବିଜେଡି ନେତାଙ୍କୁ ଥଇଥାନ କରିବା ଏହି ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ରାଜ୍ୟର ଆଦିବାସୀମାନଙ୍କ ବିକାଶ ନାମରେ ନବୀନ ସରକାର ରାଜ୍ୟ ବାହାରର ଠିକାଦାରମାନଙ୍କ ମାଧ୍ୟମରେ ଅର୍ଥ ହଡ଼ପ କରି କେବଳ ଖେଳ ସାମଗ୍ରୀ ଓ ବାଜା ଦେଇ ସେମାନଙ୍କର ବିକାଶର ଡିଣ୍ଡିମ ପିଟୁଥିଲେ ବୋଲି ଅନୁସୂଚିତ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ସୂଚନା ଦେଇସାରିଛନ୍ତି। ଏହି ତଥ୍ୟକୁ ଉପଲବ୍ଧି କରି ବିଜେପିର ମୋହନ ସରକାର ନବୀନଙ୍କ ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦକୁ ବୁଧବାର ଦିନ ଭାଙ୍ଗି ଦେଇଛନ୍ତି। ଆଦିମ ଜନଜାତିଙ୍କ ବିକାଶ ପାଇଁ ଗତ ୯ ବର୍ଷ ମଧ୍ୟରେ ୭୮୪୮୫ ଲକ୍ଷ ୯୫ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ମୟୁରଭଞ୍ଜ ଜିଲ୍ଲାରେ ସର୍ବାଧିକ ୧୫୩ କୋଟି ୬୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ସୁନ୍ଦରଗଡ଼ରେ ୧୨୫ କୋଟି ୯୭ ଲକ୍ଷ, କୋରାପୁଟରେ ୮୨ କୋଟି ୭୪ ଲକ୍ଷ, କେନ୍ଦୁଝରରେ ୭୯ କୋଟି ୨ଲକ୍ଷ, କନ୍ଧମାଳରେ ୭୦ କୋଟି ୯୨ ଲକ୍ଷ, ରାୟଗଡ଼ା ୬୫ କୋଟି ୧ଲକ୍ଷ, ନବରଂଗପୁରରେ ୫୯ କୋଟି ୧୦ଲକ୍ଷ, ମାଲକାନଗିରିରେ ୫୧ କୋଟି ଲକ୍ଷ, ଗଜପତିରେ ୪୬ କୋଟି ୩୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହାଛଡ଼ା କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବଜେଟ୍ ରେ ଆଦିବାସୀ ଅଞ୍ଚଳରେ ଖର୍ଚ୍ଚ ହୋଇଛି।

ତଥାପି ଏହି ଶ୍ରେଣୀର ଆଦିବାସୀମାନଙ୍କ ଶିକ୍ଷା, ସାମାଜିକ ଓ ଅର୍ଥନୈତିକ କ୍ଷେତରେ ଆଦୌ ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ। ରାଜ୍ୟର ଆଦିବାସୀମାନଙ୍କର ମାସିକ ଆୟ ଅତି ନିମ୍ନ ଅବସ୍ଥାରେ ରହିଛି। ଏହି ଶ୍ରେଣୀର ପ୍ରାୟ ୯୯ ଭାଗ ଲୋକଙ୍କ ମାସିକ ଆୟ ୧୦ ହଜାର ଟଙ୍କାରୁ କମ୍। ଏମାନଙ୍କ ଭିତରୁ ୯୦ ଭାଗରୁ ଉର୍ଦ୍ଧ୍ୱ ଲୋକଙ୍କ ଆୟ ମାସିକ ୫ ହଜାର ଟଙ୍କାରୁ କମ୍। କିନ୍ତୁ ଏମାନଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ସେମାନଙ୍କ ଅବସ୍ଥାର ବିଶେଷ ପରିବର୍ତ୍ତନ ହୋଇନାହିଁ।

ନବୀନଙ୍କ ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦରେ ଆଦିବାସୀ ବିକାଶ ନାମରେ ଆଦିବାସୀଙ୍କୁ ନବୀନ ସରକାର କେବଳ କେବଳ ଖେଳ ସାମଗ୍ରୀ, ବାଦ୍ୟଯନ୍ତ୍ର ଓ ଠାକୁରାଣୀ ଘର କରିବାରେ ୯ ବର୍ଷ ମଧ୍ୟରେ ୭୮୪୮୫ ଲକ୍ଷ ୯୫ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି ବୋଲି ବିଜେପିର ବଡ଼ଚଣା ବିଧାୟକ ଅମର ନାୟକଙ୍କ ପ୍ରଶ୍ନର ଉତ୍ତରରେ ଅନୁସୂଚିତ ଜନଜାତି କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ବିଧାନସଭାରେ ଦେଇଛନ୍ତି ।

ନବୀନ ସରକାର ଆଦିବାସୀମାନଙ୍କୁ ବିକାଶ ପରିଷଦ ନାମରେ ଯେଉଁ ଲଲିପପ୍ ଧରାଇଥିଲେ ତାହା ନିର୍ବାଚନରେ କାମ ଦେଇ ନାହିଁ। ବରଂ ଏହା ବିଜେଡି ପ୍ରତି ବୁମେରାଂ ହୋଇଛି। ରାଜ୍ୟରେ ଥିବା ୩୩ଟି ଅନୁସୂଚିତ ଜନଜାତି ସଂରକ୍ଷିତ ଆସନ ମଧ୍ୟରୁ ମାତ୍ର ୫ଟି ଆସନରେ ବିଜେଡି ବିଜୟୀ ହେବାରେ ସକ୍ଷମ ହୋଇଥିବାବେଳେ ବିଜେପି ୧୮ଟି, କଂଗ୍ରେସ ୯ଟି ଓ ସିପିଏମ୍ ଗୋଟିଏ ଆସନରେ ବିଜୟୀ ହୋଇଛି। ଏପରିକି ମୟୁରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ବିଜେଡି ମୂଳପୋଛ ହୋଇଯାଇଛି।

ନବୀନ ପଟ୍ଟନାୟକ ଦୀର୍ଘ ୨୪ ବର୍ଷର ଶାସନକାଳ ମଧ୍ୟରେ ଯେପରି ଆଦିବାସୀମାନଙ୍କ ପ୍ରତି ବିକାଶ ନାମରେ ଛଳନା କରୁଥିଲେ ତାହା ନିକଟରେ ଶେଷ ହୋଇଥିବା ନିର୍ବାଚନରେ କାମ ଦେଇନାହିଁ। ରାଜ୍ୟର ଆଦିବାସୀ ମତଦାତାମାନେ ଠକାମୀର ଶୀକାର ହୋଇଥିବାର ଅନୁଭବ କରିବା ପରେ ସେମାନେ ଗତ ନିର୍ବାଚନରେ ବିଜେଡି ନିଜ ସ୍ଥାନ ଦେଖାଇ ଦେଇଛନ୍ତି। ଯେଉଁ ଆଦିବାସୀମାନେ ଦିନେ ଥିଲେ ବିଜେଡିର ଭୋଟ ବ୍ୟାଙ୍କ ସେହି ଆଦିବାସୀମାନେ ହିଁ ନବୀନଙ୍କୁ ପ୍ରତ୍ୟାକ୍ଷାନ କଲେ। ବିକାଶ ନାଁରେ ଚାଲିଥିବା ପ୍ରସହନକୁ ଠୋକର ମାରିଛନ୍ତି।

### ବାବୁ ବଢ଼ାଉଛନ୍ତି ଆର୍‌ଟିଆଇ ବୋଝ

## ଇ-ଡେସ୍‌ପାଚ୍‌ରେ ସୂଚନା ନ ଦେବାର ଫଳ



ଭୁବନେଶ୍ୱର, ୭।୯( ସଂଚାର ବ୍ୟୁରୋ): ସରକାରୀ ବାବୁଙ୍କ ଯୋଗୁଁ ଏବେ ବିଭିନ୍ନ ଦପ୍ତରରେ ବଢୁଛି ଆରଟିଆଇ ବୋଝ । ଯେଉଁ ସୂଚନା ବାବୁମାନେ ଇ-ଡେସ୍‌ପାଚରେ ପକାଇବା କଥା ସେମାନେ ତାହାକୁ ଲୁଚାଇବା ଫଳରେ ଏଭଳି ସ୍ଥିତି ଉପୁଜିବାରେ ଲାଗିଛି । ଗୋଟିଏ ଛୋଟିଆ ଚିଠିକୁ ଲୁଚାଇବାର ଫଳ ବିଭାଗର ଅନେକ ଅଫିସର ଓ କର୍ମଚାରୀ ଭୋଗୁଛନ୍ତି । ଆରଟିଆଇ କର୍ମୀମାନେ ଏକାଥରକେ ମାଳ ମାଳ ସୂଚନା ମାଗୁନାହାନ୍ତି, ସେମାନେ ମଧ୍ୟ ବିଭିନ୍ନ ଅଫିସରଙ୍କୁ ଟାର୍ଗେଟ କରୁଛନ୍ତି । ବେଳେବେଳେ ବାବୁମାନେ ସୂଚନା ଦେବାରେ ବିଫଳ ହୋଇ ଦଣ୍ଡ ବି ଗଣୁଛନ୍ତି।

ସରକାରୀ ସୂଚନାକୁ ସହଜରେ ଲୋକେ ଯେଭଳି ଜାଣିପାରିବେ ସେଥିପାଇଁ ୨୦୦୯ ମସିହାରେ ରାଜ୍ୟ ସରକାର ଇ-ଡେସ୍‌ପାଚ୍ ବ୍ୟବସ୍ଥା ଆରମ୍ଭ କରିଥିଲେ । ସରକାରଙ୍କର ଏହି ପୋର୍ଟାଲରେ ସବୁ ସରକାରୀ ଚିଠିପତ୍ର ଅପଲୋଡ ହେଉଥିଲା । ବିଶେଣକରି ସରକାର ଜାରି କରୁଥିବା ନିର୍ଦ୍ଦେଶନାମା, ବିଜ୍ଞପ୍ତି, ବଦଳି ଅର୍ଡର ଆଦି ଇ-ଡେସ୍‌ପାଚରେ ପଡିବା ଫଳରେ ଲୋକେ ସହଜରେ ଜାଣି ପାରୁଥିଲେ । ସୂଚନା ଅଧିକାର ଆଇନ୍ ବଳରେ ମାଗିବା ଦରକାର ହେଉନଥିଲା।

ହେଲେ ସୁରୁଖୁରୁରେ ଚାଲିଥିବା ଏହି ବ୍ୟବସ୍ଥାର କିଛିଦିନ ପରେ ସରକାରୀ ବାବୁମାନେ ତଣ୍ଟି ଚିପିବା ଆରମ୍ଭ କଲେ । ବାଛି ବାଛି କିଛି ମୂଲ୍ୟହୀନ ଚିଠିକୁ ଏଥିରେ ଅପେଲୋଡ୍ କଲେ । ଯେଉଁ ଚିଠିରୁ ଲୋକେ କିଛି ସୂଚନା ପାଇବେ ତାହାକୁ ଲୁଚାଇଲେ । ଏହି ତଣ୍ଟିଚିପା ଅବସ୍ଥା ଶେଷରେ ଇ-ଡେସ୍‌ପାଚ୍‌ର ଏକ ପ୍ରକାର ଅପମୃତ୍ୟୁ କରିଦେଲା । ଅନ୍ୟ ବିଭାଗ ତ ଦୂରରକଥା ଖୋଦ ଆଇଟି ବିଭାଗର ଚିଠିଏ ଏଥିରେ ଦେଖିବାକୁ ମିଳିଲା ନାହିଁ । ହାତ ଗଣତି କେତୋଟି ବିଭାଗ ନିୟମିତ ଚିଠି ଅପଲୋଡ୍ କରୁଥିଲେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ଥିବା ଚିଠିକୁ ଜାଣିଶୁଣି ଲୁଚାଇଲେ।

ଏହାର ଫଳ ହେଲା ଏଇଆ ଯେ ସୂଚନା ଅଧିକାର କର୍ମୀମାନେ ଏଥିରୁ ସୂଚନା ନପାଇ ଆରଟିଆଇ ଫର୍ମ ପୂରଣ କରି ବିଭିନ୍ନ ବିଭାଗରେ ପକାଇଲେ । ଯେତେବେଳେ ଗୋଟିଏ ସୂଚନା ଆବଶ୍ୟକ ସେତେବେଳେ ଏକାଥରକେ ମାଳ ମାଳ ସୂଚନା ମାଗିଲେ । ସେମାନେ ମାଗିଥିବା ସୂଚନା ସଂଗ୍ରହ ଲାଗି ବାବୁମାନେ ଝାଳ ନାଳ ହୋଇ କାମରେ ମାତିଲେ । ଏଥିଯୋଗୁଁ ବହୁ ବିଭାଗରେ ସରକାରୀ କାର୍ଯ୍ୟ ➪ପୃଷ୍ଠା-୬

### ଛିଣ୍ଡୁଛି ବିଜେଡି ଡୋରି

## ୮୦%ରୁ ଅଧିକ ନେତା ଓ କର୍ମୀ କ୍ଷୁବ୍ଧ



ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ): ମମତା ମହନ୍ତ ଓ ସୁଜିତ କୁମାରଙ୍କ ପରେ ଆଉ କିଛି ନେତା ବିଜେପି ଲିଙ୍କରେ ଥିବା ଚର୍ଚ୍ଚା ହେଉଛି । ଚର୍ଚ୍ଚା ହେଉଛି ଖୁବଶୀଘ୍ର ଜଣେ ଅତି କୁହାଳିଆ ନେତା ବିଜେଡି ଛାଡିବେ ଆଉ ପଦ୍ମ ଧରିବେ । ଏମିତି ଚର୍ଚ୍ଚା ଭିତରେ ସାଂସଦ ମମତା ମହନ୍ତଙ୍କ ବୟାନ ଭୁକୁଞ୍ଚନ ସୃଷ୍ଟି କରିଛି । ସେ କହିଛନ୍ତି, ବିଜେଡିରେ ବହୁତ ବରିଷ୍ଠ ନେତା ଓ କର୍ମୀ ଅସନ୍ତୁଷ୍ଟ ଅଛନ୍ତି। ହୁଏତ ସେମାନେ ବିଜେପିକୁ ଆସିପାରନ୍ତି। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି।

ଗଣମାଧ୍ୟମକୁ ସୂଚନା ଦେଇ ମମତା ମହନ୍ତ କହିଛନ୍ତି, ଦେଖନ୍ତୁ କିଏ ଆସିବେ କିଏ ଯିବେ ତାହା ସମସ୍ତଙ୍କର ବ୍ୟକ୍ତିଗତ ବ୍ୟାପାର। କିନ୍ତୁ ବିଜେଡିରେ ବହୁତ ବରିଷ୍ଠ ନେତା ଓ କର୍ମୀ ଅସନ୍ତୁଷ୍ଟ ଅଛନ୍ତି। ହୁଏତ ସେମାନେ ଆସିପାରନ୍ତି। ବିଜେଡିର କୌଣସି ନେତା, ବିଧାୟକ, ସାଂସଦଙ୍କ ସହ ମୋର ଯୋଗାଯୋଗ ନାହିଁ। ବିଜେଡିର ପ୍ରାୟ ଅଧିକାଂଶ ନେତା କର୍ମୀ ଏକ ଛତ୍ରବାଦ ଶାସନରେ ଅସନ୍ତୁଷ୍ଟ ଅଛନ୍ତି। ଦେଢ଼ ବର୍ଷରୁ ଅଧିକ ସମୟ ହେବ ମୁଁ ଦଳ ଛାଡ଼ିବା ନେଇ ନିଷ୍ପତ୍ତି ନେଇଥିଲି ବୋଲି ମମତା କହିଛନ୍ତି। ➪ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

#### ଆଜି ନୂଆଁଖାଇ: ଉତ୍ସବମୁଖର ପଶ୍ଚିମ ଓଡ଼ିଶା

ସମ୍ବଲପୁର ୭।୯(ସଂଚାର ବ୍ୟୁରୋ): ଆଜି ନୂଆଁଖାଇ। ଏଥିପାଇଁ ପଶ୍ଚିମ ଓଡିଶା ଉତ୍ସବମୁଖର ହୋଇଉଠିଛି। ଗାଁଠୁ ସହର ଯାଏଁ ନୂଆଁଖାଇ ବଜାର ବସିଛି। ସବୁଠି ପ୍ରବଳ ଭିଡ ଦେଖିବାକୁ ମିଳିଛି। ବଜାରରେ କଞ୍ଚାପତ୍ରରେ ଖଳି ଦନା, ଚୂଡା, ନୂଆଁଧାନ, ଅରୁଆ ଚାଉଳ, ନୂଆଁ ରାଖୀ, ମାଟି ପାତ୍ର ପ୍ରଭୃତି ବିକ୍ରି ଚାଲିଛି। ଫୁଲ ଦୋକାନ, ଲୁଗା ଦୋକାନ, ପରିବା ଦୋକାନରେ ଗହଳି ଲାଗିଛି। ନୂଆଁଖାଇ ପାଇ ବାହାରେ ଥିବା ଲୋକେ ଘରକୁ ଫେରିଆସିଛନ୍ତି। ଘରେଘରେ ଆନନ୍ଦ ଉଲ୍ଲାସ ପରିଲକ୍ଷିତ ହୋଇଛି। ରବିବାର ସକାଳ ୯.୧୨ ରୁ ୯.୨୭ ଶୁଭ ଲଗ୍ନରେ ମାଁ ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେଲା ପରେ ପରିବାରରେ ନୂଆଁଖାଇ ତିହାର ପାଳନ କରାଯିବ।

#### ସୋମବାର ବ୍ୟାଙ୍କ ବନ୍ଦ

ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ): ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ସୋମବାର (୯ ତାରିଖ)ରାଜ୍ୟରେ ସମସ୍ତ ବ୍ୟାଙ୍କ ବନ୍ଦ ରହିବ। ଏଥିସହ ସମସ୍ତ ବ୍ୟାଙ୍କ ଓ ଅନ୍ୟାନ୍ୟ ବ୍ୟାଙ୍କିଙ୍ଗ୍ ସଂସ୍ଥା ମଧ୍ୟ ବନ୍ଦ ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାସହିତ ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲ୍ଲାରେ ୧୦ ତାରିଖ ମଧ୍ୟ ସରକାରୀ ଛୁଟି ରହିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି।

#### ସୋମନାଥ ଏକ୍ସପ୍ରେସ ଲାଇନଚ୍ୟୁତ

ଭୋପାଳ,୭।୯: ମଧ୍ୟପ୍ରଦେଶର ଜବଲପୁରରେ ଶନିବାର ସକାଳ ପ୍ରାୟ ୫.୩୦ରେ ସୋମନାଥ ଏକ୍ସପ୍ରେସର ୨ କୋଚ୍ ଲାଇନଚ୍ୟୁତ ହୋଇଛି। ତେବେ ଜନଜୀବନ ହାନି ଘଟି ନ ଥିବା ପଶ୍ଚିମ କେନ୍ଦ୍ରୀୟ ରେଳବାଇ ପକ୍ଷରୁ କୁହାଯାଇଛି। ଦୁର୍ଘଟଣା ପରେ ଯାତ୍ରୀମାନେ ଆତଙ୍କିତ ହୋଇ ଚିତ୍କାର କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଯାତ୍ରୀଙ୍କ ସଂପର୍କୀୟମାନଙ୍କ ମଦ୍ୟରେ ଆତଙ୍କ ଖେଳିଯାଇଥିଲା। ପଶ୍ଚିମ କେନ୍ଦ୍ରୀୟ ରେଳବାଇର ସିପିଆର୍‌ଓ ହର୍ଷିତ ଶ୍ରୀବାସ୍ତବ କହିଛନ୍ତି, ଜବଲପୁର ଷ୍ଟେସନର ପ୍ଲାଟଫର୍ମଠାରୁ ପ୍ରାୟ ୧୫୦ ମିଟର ଦୂରରେ କୋଚଗୁଡ଼ିକ ଲାଇନଚ୍ୟୁତ ହୋଇଥିଲା। ଟ୍ରେନଟି ଇନ୍ଦୋରରୁ ଆସୁଥିଲା। କୋଚ୍ ଲାଇନ ଚ୍ୟୁତ ହେବାର କାରଣ ଜଣା ପଡିନାହିଁ। ଖବର ପାଇବାମାତ୍ରେ ପଶ୍ଚିମ କେନ୍ଦ୍ରୀୟ ରେଳବାଇର ଜେନେରାଲ ମ୍ୟାନେଜର ଶୋଭନା ବନ୍ଦୋପାଧ୍ୟାୟ ଘଟଣାସ୍ଥଳରେ ପହଞ୍ଚିଥିଲେ।

#### ପୂଜାଙ୍କ ଆଇଏଏସ୍ ଚାକିରି ଗଲା

ନୂଆଦିଲ୍ଲୀ, ୭।୯: ଠକେଇ ଓ ଜାଲିଆତି କରି ଆଇଏଏସ୍ ପାଇଥିବା ପୂଜା ଖେଡ଼କରଙ୍କୁ କେନ୍ଦ୍ର ସରକାର ତୁରନ୍ତ ବିଦା କରିଛନ୍ତି। ପୂଜା ମହାରାଷ୍ଟ୍ରରେ ପ୍ରୋବେସନର୍ ଭାବେ ନିୟୋଜିତ ଥିଲେ। ସେ ଓବିସି କୋଟାରେ ଚାକିରି ପାଇଥିବା ଅଭିଯୋଗ ହେବା ପରେ ତଦନ୍ତ ପାଇଁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା। ଏହାସହିତ ୟୁପିଏସ୍‌ସି ପକ୍ଷରୁ ମଧ୍ୟ ଅଭିଯୋଗର ତଦନ୍ତ କରାଯାଇଥିଲା। ଜାଲିଆତି ନେଇ ସମସ୍ତ ତଥ୍ୟ ପ୍ରମାଣ ମିଳିବା ପରେ ୟୁପିଏସ୍‌ସି ତାଙ୍କୁ ବରଖାସ୍ତ କରିବା ପାଇଁ କେନ୍ଦ୍ରକୁ ସୁପାରିଶ କରାଯାଇଥିଲା। ତଦନୁଯାୟୀ ଆଜି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେ ୟୁପିଏସ୍‌ସି ପରୀକ୍ଷା ନିୟମ ଉଲ୍ଲଂଘନ କରିଥିବା ଦର୍ଶାଯାଇଛି।

### ଛୁଆ ଅପହରଣ ନାଟକ

## ସ୍ତ୍ରୀ ସହ ପ୍ରେମିକ ଅଟକ

କୋରାପୁଟ, ୭।୯ (ସଂଚାର ବ୍ୟୁରୋ) : ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ଫାଟ ପକାଇଲେ ପତ୍ନୀ। ସ୍ୱାମୀ ଥାଉଥାଉ ପ୍ରେମିକଙ୍କ ସହିତ ରଖିଥିଲେ ଶାରୀରିକ ସମ୍ପର୍କ। ପିଲା ଜନ୍ମର ୩ ମାସ ପରେ ପତ୍ନୀ କହିଲେ, ଛୁଆ ପ୍ରେମିକର। ତେଣୁ ଛୁଆକୁ ତା' ବାପାଙ୍କୁ ଦେଇଦେଇଛି। ଛୁଆ ଚୋରି ନାଟକର ଫର୍ଦ୍ଦ ଓଲାଟାଇଲା ବେଳକୁ ଜଣାପଡିଲା ଅସଲ ତଥ୍ୟ। ଏହି ଘଟଣା ଏବେ ଜୟପୁର ଟାଉନ୍‌ରେ ଆଲୋଚନାର ବିଷୟ ପାଲଟିଛି। ଜୟପୁର ପାୱାର ହାଉସ୍ କଲୋନୀରେ ଘର ଭଡ଼ା ନେଇ ରହୁଛନ୍ତି ପରମେଶ ଖେମୁଣ୍ଡୁ। ସେ ବିବାହିତ ଓ ଦୁଇ ପିଲାଙ୍କ ବାପା। ସେ ଏକ ଫାଇନାନ୍ସ କମ୍ପାନୀରେ ଚାକିରି କରୁଛନ୍ତି। କମ୍ପାନୀ ତରଫରୁ ତାଙ୍କୁ ଟ୍ରେନିଂ ପାଇଁ ବଲାଙ୍ଗିର ପଠା ଯାଇଥିଲା। ତେଣୁ ସେ ଗତ ୩୧ ତାରିଖରେ ବଲାଙ୍ଗିର ଯାଇଥିଲେ। ସବୁଦିନ ପରି ଗତ ୩ ତାରିଖ ରାତିରେ ପତ୍ନୀଙ୍କ ମୋବାଇଲ୍‌କୁ ଭିଡିଓ କଲ୍ କରିଥିଲେ ପରମେଶ। ପ୍ରଥମେ ପତ୍ନୀ ପରେ ଦୁଇ ପିଲାଙ୍କ ସହିତ କଥା ହୋଇଥିଲେ। ୪ ତାରିଖ ସକାଳେ ପରମେଶଙ୍କ ପାଖକୁ ତାଙ୍କ ପତ୍ନୀ ରେଖା (ଛଦ୍ମନାମ) ଫୋନ୍ କରିଥିଲେ। ଆଉ ରେଖା କହିଥିଲେ, ଘରେ ଛୁଆ ନାହିଁ। ଯାହାକୁ ନେଇ ଉଭୟଙ୍କ ଭିତରେ ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କ ଭିତରେ ପରମେଶ ଛୁଆ

### କୋମାରେ କ୍ରାଇମବ୍ରାଞ୍ଚ

## ୧୦ ବର୍ଷ ହେଲା ପାଲଟିଛି ପୋଷା ଶୁଆ



ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ): ଚର୍ଚ୍ଚିତ ଘଟଣାରେ ଯେତବେଳେ ଓଡିଶା ପୋଲିସ ଫେଲ ମାରେ, ସେତବେଳେ ଖୋଜାପଡେ ଦକ୍ଷ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚକୁ । କିନ୍ତୁ ଏହି କ୍ରାଇମବ୍ରାଞ୍ଚ ଏବେ କୋମାରେ । ପୂର୍ବ ସରକାରଙ୍କ ପୋଷା ଶୁଆ ପାଲଟିଥିବା କ୍ରାଇମବ୍ରାଞ୍ଚ ଅନେକ ଗୁରୁତ୍ୱପୂର୍ଣ୍ଣ ଘଟଣାର ତଦନ୍ତ କରି ଶାସକ ଦଳ ଲୋକଙ୍କୁ ସୁରକ୍ଷା ଦେଇଛି। କେଉଁଠି ଅଭିଯୁକ୍ତଙ୍କୁ ଧରିବା ଛାଡି ଆଇ ମା' କାହାଣୀ ଶୁଣାଇଛି ତ ଆଉ କେଉଁଠି ମୁଖ୍ୟ ଅଭିଯୁକ୍ତକୁ ସୁରକ୍ଷା ଦେବା ପାଇଁ ପୋଖରୀ ଶୁଖାଇଛି । କିନ୍ତୁ ଏଯାବତ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛି ଏହି ତଦନ୍ତକାରୀ ସଂସ୍ଥା । ଗତ ୧୦ ବର୍ଷ ଭିତରେ କ୍ରାଇମବ୍ରାଞ୍ଚରେ ରୁଜୁ ହୋଇଛି ୧୯୩ ଟି ମାମଲା । ସେଥିରୁ ମାତ୍ର ୬୩ ଟି ମାମଲାରେ ଚାର୍ଜସିଟ ହୋଇଛି। କିଛି ମାମଲାର ଫାଇନାଲ ରିପୋର୍ଟ ଦାଖଲ ହୋଇଥିବା ବେଳେ ଅନେକ ମାମଲା ସେମିତି ଗଡୁଛି।

ସୂଚନା ଅନୁଯାୟୀ, ୨୦୧୪ ରେ କ୍ରାଇମବ୍ରାଞ୍ଚ ରେ ୨୩ ଟି ମାମଲା ରୁଜୁ ହୋଇଥିଲା । ସେଥିମଧ୍ୟରୁ ୧୨ ଟିରେ ଚାର୍ଜସିଟ ଓ ୫ଟି ମାମଲାରେ ଫାଇନାଲ୍ ରିପୋର୍ଟ ହୋଇଛି। ଏସବୁ ମାମଲାରେ ୪୭ ଜଣଙ୍କୁ ଗିରଫ କରାଯାଇଥିଲା । ୩ଟି ମାମଲାରେ ୧୧ ଜଣଙ୍କୁ ଦଣ୍ଡାଦେଶ ମଧ୍ୟ ହୋଇଛି । ୨୦୧୫ ୩୬ ଟି ମାମଲା ହୋଇଥିବା ବେଳେ ୨୦ ଟି ମାମଲାରେ ଚାର୍ଜସିଟ ଓ ୮ ଟି ମାମଲାର ଫାଇନାଲ୍ ରିପୋର୍ଟ ହୋଇଛି। ଠିକ ସେହିଭଳି ୨୦୧୬ ରେ ୧୬ ଟି ମାମଲା , ୨୦୧୭ ରେ ୨୦ ଟି ମାମଲା, ୨୦୧୮ ରେ ୩୨ ଟି ମାମଲା, ୨୦୧୯ ରେ ୨୦ ଟି , ୨୦୨୦ ରେ ୧୫ , ୨୦୨୧ ରେ ୧୮, ୨୦୨୨ ରେ ୬ ଓ ୨୦୨୩ରେ ୭ ଟି ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ପ୍ରକ୍ରିୟାରେ ଲାଗିଛି ବ୍ରେକ । ଫାଇନାଲ୍ ରିପୋର୍ଟ ତ ଦୂର କଥା, ଚାର୍ଜସିଟ ମଧ୍ୟ ହୋଇନାହିଁ ।

ଗୁଇନ୍ଦା ନିର୍ଦ୍ଦେଶକ ଭାବେ ସଞ୍ଜୀବ ପଣ୍ଡାଙ୍କ ବଦଳି ପରେ ୨୦୨୨ ମେ' ୬ରୁ ଏଡିଜି କ୍ରାଇମବ୍ରାଞ୍ଚ ଭାବେ ଦାୟିତ୍ୱ ତୁଲାଉଛନ୍ତି ୧୯୯୬ ବ୍ୟାଚ ଆଇପିଏସ ଅଫିସର ଅରୁଣ ବୋଥ୍ରା । ରାଜ୍ୟରେ ବିଗତ ଦିନ ମାନଙ୍କରେ ଆଇନଶୃଙ୍ଖଳା ପରିସ୍ଥିତି ସହ ସାଇବର ଅପରାଧ ମଧ୍ୟ କ୍ରାଇମବ୍ରାଞ୍ଚ ପାଇଁ ଚ୍ୟାଲେଞ୍ଜ ସାବ୍ୟସ୍ତ ହୋଇଛି । କିନ୍ତୁ ବୋଥ୍ରାଙ୍କ ସମୟରେ ବଲାଙ୍ଗୀର ପାର୍ସଲ ବୋମା ବିସ୍ଫୋରଣ, ନୟାଗଡ଼ ପରୀ ହତ୍ୟାକାଣ୍ଡ, ନବ ଦାସ ହତ୍ୟାକାଣ୍ଡର ସୁପରିଚାଳନା କରାଯାଇଥିଲେ ବି ଏଥିରେ କେତେକାଂଶରେ ପକ୍ଷପାତିତା ର ଗନ୍ଧ ବାରିଛନ୍ତି ବିରୋଧୀ । ଆଗକୁ ଆଇପିଏସ ବଦଳି ହେବ । ଶୁଣିବାକୁ ମିଳୁଛି ଜଣେ ଦକ୍ଷ ଅଫିସରଙ୍କୁ ଏହି ଗୁରୁ ଦାୟିତ୍ୱ ଦେବାକୁ ଯାଉଛନ୍ତି ମୋହନ ସରକାର । ତେବେ ଦେଖିବାକୁ ବାକି ରହିଲା ନୂଆ ଅଫିସର କାର୍ଯ୍ୟଭାର ନେବା ପରେ କ୍ରାଇମବ୍ରାଞ୍ଚ ର ତଦନ୍ତ ପ୍ରକ୍ରିୟା ତ୍ୱରିତ ହେବ ନାଁ ପୁଣି ଥରେ ମନ୍ଥର ଭାବେ ଗତି କରିବ !

## କୋଠା ଭୁଶୁଡ଼ି ୫ମୃତ,୩୦ ଗୁରୁତର



ଲକ୍ଷ୍ନୌ, ୭। ୯: ପ୍ରବଳ ବର୍ଷା ହେବାରୁ ଶନିବାର ସନ୍ଧ୍ୟାରେ ଲକ୍ଷ୍ନୌର ଟ୍ରାନ୍ସପୋର୍ଟ ନଗରରେ ଏକ ୩ ମହଲା କୋଠା ଭୁଶୁଡ଼ି ପଡ଼ିବାରୁ ଅନ୍ୟୁନ ୫ ଜଣଙ୍କ ମୃତ୍ୟୁ ହୋଇଛି। ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ମୃତଦେହ ଉଦ୍ଧାର କରିଛନ୍ତି। ପ୍ରାୟ ୩୦ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅଧିକାଂଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ପ୍ରକାଶ ପାଇଛି।

ଧ୍ୱଂସାବଶେଷ ତଳେ ଆଉ କିଛି ଲୋକ ଫସି ରହିଥିବାରୁ ଉଦ୍ଧାର କାର୍ଯ୍ୟ ଚାଲିଛି। ଲକ୍ଷ୍ନୌ ପୁଲିସ କମିଶର ରୋଶନ ଜ୍ୟାବକ କହିଛନ୍ତି ଯେ ଏଯାଏ ୫ ଶବ ମିଳିଛି ଓ ଭଙ୍ଗା ଅଟ୍ଟାଳିକାରୁ ୩୦ ଜଣଙ୍କୁ ଉଦ୍ଧାର କରାଯାଇଛି। କୋଠା ନିକଟରେ ଥିବା ଆଉ ଏକ ବିଲଡିଂ ଓ ଦୋକାନ ଘର ମଧ୍ୟ କ୍ଷତିଗ୍ରସ୍ତ ➪ପୃଷ୍ଠା-୬

# ରାଜଧାନୀ ରାଜରାସ୍ତାରେ ବୁଲାଗୋରୁଙ୍କ ରାଜ

- ଗୋରୁ ଉଠାଉ ଥିବା ଏଜେନ୍‌ସି ବିଦା
- ୨ ଗାଡ଼ି, ୨୦ କର୍ମଚାରୀ, ଉଠାଉଛନ୍ତି ଦିନକୁ ୨ଟି
- ବିଏମ୍‌ସିର ମାସକୁ ଖର୍ଚ୍ଚ ୧.୨୦ କୋଟି

ଭୁବନେଶ୍ୱର, ୭।୯(ସଂଚାର ବ୍ୟୁରୋ): ରାଜଧାନୀରେ ବୁଲା ଗୋରୁ ଉତ୍ପାତ ଏକ ସାଧାରଣ କଥା। ଯେବେ ବିଶ୍ୱକପ୍ ହକି ଏଠାରେ ଆୟୋଜନ କରିବାକୁ ସରକାର ଚିନ୍ତା କଲେ ତା ପୂର୍ବରୁ ଏହି ସବୁ ବୁଲାଗୋରୁଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ଦାୟିତ୍ୱ ନେଇଥିଲା ବିଏମ୍‌ସି। ବିଏମ୍‌ସିର ଦୁଇଟି ଗାଡ଼ି ଓ ୨୦ କର୍ମଚାରୀ ଥିଲେ। କିନ୍ତୁ ଏହା ଯଥେଷ୍ଟ ନ ହେବା ଆଶଙ୍କାରେ ବିଏମ୍‌ସି ତିନିଟି ଏଜେନ୍‌ସି ନିଯୁକ୍ତି ଦେଲା ଓ ସହରରୁ ନିୟମିତ ବୁଲାଗୋରୁ ହଟାଇବା ଆରମ୍ଭ କରିଥିଲା। ଏଥିପାଇଁ ଗୋରୁ ପିଛା ଏଜେନ୍‌ସି ପଇସା ନେଉଥିଲା ଏବଂ ଯେଉଁ ଗୋଶାଳାରେ ରଖା ଯାଉଥିଲା ତାହାର ପରିଚାଳକଙ୍କୁ ଗୋରୁ ପିଛା ଅର୍ଥ ପ୍ରଦାନ କରାଯାଉଥିଲା। କିନ୍ତୁ ହକି ଖେଳ ସରିବା ପରେ ବିଏମ୍‌ସି ସମ୍ପୃକ୍ତ ଏଜେନ୍‌ସିମାନଙ୍କୁ ବିଦା କରିଦେଇଛି। ଏବେ କେବଳ ନିଜ କର୍ମଚାରୀଙ୍କ ଜରିଆରେ ବୁଲାଗୋରୁ ହଟାଉଛି। କିନ୍ତୁ ଏମାନଙ୍କୁ ଜଗିବାକୁ କେହି ନାହାନ୍ତି। ଏଣେ ଏଜେନ୍‌ସି ଗୋରୁ ପିଛା ଅର୍ଥ ପାଉଥିବାରୁ ଯେଉଁ ମାନସିକତାରେ କାମ କରୁଥିଲା, ସେହି ମାନସିକତାରେ ବିଏମ୍‌ସି କର୍ମଚାରୀମାନେ କାମ କରୁନାହାନ୍ତି। ଫଳରେ ଦିନକୁ ଗୋଟିଏ କିମ୍ବା ଦୁଇଟି ଗୋରୁ ଉଠାଉଛନ୍ତି। ତାହା ପୁଣି କେବଳ ଅଭିଯୋଗ ଆସିଲେ। ଫଳରେ ଏବେ ବିଏମ୍‌ସି ଗୋଶାଳାରେ ରଖିଥିବା ପ୍ରାୟ ୨ ହଜାର ଗୋରୁଙ୍କ ପାଇଁ ମାସିକ ୧.୨କୋଟି ଖର୍ଚ୍ଚ କରୁଛି। କିନ୍ତୁ ଯେତିକି ଗୋରୁ ଉଠାଇଥିଲେ ଏବେ ତା ଠାରୁ ଅଧିକ ଗୋରୁ ଭୁବନେଶ୍ୱରରେ ବୁଲୁଛନ୍ତି। ହକି ପୂର୍ବରୁ ଅବସ୍ଥା ଯାହା ଥିଲା ଏବେ ଅବସ୍ଥା ପୁରା ସମାନ। କର୍ମଚାରୀଙ୍କ ଦରମା, ଗାଡ଼ିରେ ତେଲ ଖର୍ଚ୍ଚକୁ ହିସାବକୁ ନେଲେ ଘୋଡ଼ା ଛ' କୁ ଦାନା ନ' ଭଳି ସ୍ଥିତି ହୋଇଛି।

ପୂର୍ବରୁ ବିଏମ୍‌ସିର ଏବିସି(କୁକୁର ବନ୍ଧ୍ୟାକରଣ) କାର୍ଯ୍ୟକ୍ରମ ବନ୍ଦ ରହିଛି। ବନ୍ଧ୍ୟାକରଣ କରୁଥିବା ସଂସ୍ଥାକୁ ସରକାରୀ ସ୍ୱୀକୃତି ନ ମିଳିବାରୁ ତାହାକୁ ବନ୍ଦ କରିଦିଆଯାଇଛି। ଫଳରେ କୁକୁର ବନ୍ଧ୍ୟାକରଣ ପରେ କୁକୁରଙ୍କ ସଂଖ୍ୟା କମିବା ପାଇଁ ଯେଉଁ ଆଶା ରହିଥିଲା ତାହା ମଧ୍ୟ ଧୂଳିସାତ ହୋଇଛି। ଫଳରେ ରାସ୍ତାରେ ଗୋଟିଏ ପଟେ କୁକୁରଙ୍କ ଉତ୍ପାତ ବଢ଼ି ବଢ଼ି ଚାଲିଥିବା ବେଳେ ଅନ୍ୟପଟେ ବୁଲାଗୋରୁଙ୍କ ଭିଡ଼ ଯୋଗୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ରାତି ହେଲେ କୁକୁର ଗୋଡ଼େଇ ଗୋଡ଼େଇ କାମୁଡୁଥିବା ବେଳେ ବୁଲା ଗୋରୁଙ୍କ ଯୋଗୁ ଦୁର୍ଘଟଣା ବଢ଼ିଛି। ଏଣେ ବିଏମ୍‌ସିର ମୋଟା ଅଙ୍କର ଅର୍ଥ ପାଣିରେ ପଡୁଛି।

ବିଏମ୍‌ସିର ଯୋଜନା ଅନୁଯାୟୀ, ବୁଲାଷଣ୍ଢମାନଙ୍କୁ ପ୍ରଥମେ ଉଠାଇ ନେବାକୁ ଯୋଜନା ହୋଇଥିଲା। କିନ୍ତୁ ଦେଖାଗଲା କି ଷଣ୍ଢ ଅପେକ୍ଷା ଗାଈ ବାଛୁରୀଙ୍କ ସଂଖ୍ୟା ଅଧିକ ଥିଲା। ବିଏମ୍‌ସି କରିଥିବା ସର୍ଭେରେ ଏଭଳି ତଥ୍ୟ ମିଳିବା ପରେ ଗୃହପାଳିତ ପଶୁ (ଗୋରୁଗାଈ) ବାହାରେ ବୁଲିଲେ ବିଏମ୍‌ସି ଉଠାଇ ନେବାକୁ ଘୋଷଣା କରିଥିଲା। ଗତ ବର୍ଷ ଡିସେମ୍ବର ୩୦ ସୁଦ୍ଧା ସହରକୁ ବୁଲା ଷଣ୍ଢ ମୁକ୍ତ କରିବା ପାଇଁ ବିଏମ୍‌ସି ଘୋଷଣା କରିଥିଲା। ଏହି ଲକ୍ଷ୍ୟରେ ସହରକୁ ବୁଲାଗୋରୁ ମୁକ୍ତ କରିବା ପାଇଁ ବିଏମ୍‌ସି ମିସନ୍ ମୋଡ଼ରେ କାମ ଆରମ୍ଭ କରିଥିଲା। ➪ପୃଷ୍ଠା-୬

# ପ୍ରଭୁ ବିଘ୍ନ ବିନାଶକଙ୍କ ପୂଜା ଧୁମଧାମରେ ପାଳିତ



**ଖଣ୍ଡପଡ଼ା, ୭।୯ (ସଂଚାର ବ୍ୟୁରୋ):** ନୟାଗଡ ଜିଲ୍ଲା ଭାପୁର ବ୍ଲକର ପୁରପଲ୍ଲୀରେ ପ୍ରଭୁ ବିଘ୍ନ ବିନାଶକ ତଥା ଗଜାନନ ପୂଜା ଶନିବାର ଦିନ ଧୁମ୍ ଧାମରେ ପାଳିତ ହୋଇଯାଇଛି। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ କ୍ଲବ ଓ ବଜାର ମାନଙ୍କରେ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ ପ୍ରଭୁ ଅଗ୍ରପୂଜ୍ୟ, ଗଜାନନ, ଏକଦନ୍ତ, ମଙ୍ଗଳମୂର୍ତ୍ତି ଙ୍କ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ଭାପୁର ବ୍ଲକ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗଣେଷ କ୍ଲବ ଆଦି ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଧୁମ୍ ଧାମରେ ପାଳିତ ହୋଇଯାଇଛି। ସେହିପରି ପଦ୍ମାବତୀ ଗ୍ରାମସ୍ଥିତ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଦେବ ମହାବିଦ୍ୟାଳୟ, ବାଇଗୁଣିଆ ଗ୍ରାମସ୍ଥିତ ପଠାଣି ସାମନ୍ତ ମହାବିଦ୍ୟାଳୟ, ମାଣିବନ୍ଧ, ରାମପଡା, ବାରବାଟୀ, ବାଘୁଆପଲ୍ଲୀ, ବିଜିପୁର, ପଦ୍ମାବତୀ, ରାକମା ଆଦି ଗ୍ରାମର ବିଭିନ୍ନ ସ୍ଥାନରେ ପ୍ରଭୁ ଗଣେଶଙ୍କ ପୂଜା ଶାନ୍ତି ଶୃଙ୍ଖଳା ସହ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା ବିଭିନ୍ନ ପୂଜା ମଣ୍ଡପରେ ଉପସ୍ଥିତ ରହି ପ୍ରଭୁ ଅଗ୍ର ପୂଜ୍ୟଙ୍କ ଆର୍ଶୀବାଦ ଭିକ୍ଷା କରିବା ସହ ଶ୍ରଦ୍ଧାଳୁ ମାନଙ୍କୁ ଉତ୍ସାହିତ କରିଥିଲେ।

# ସିଦ୍ଧ ଗଣେଶ ମନ୍ଦିରରେ ଭକ୍ତଙ୍କ ଭିଡ଼



**ଯାଜପୁର, ୭।୯ (ସଂଚାର ବ୍ୟୁରୋ):** ପବିତ୍ର ଗଣେଶ ପୂଜା ଅବସରରେ ଯାଜପୁର ଦଶାଶ୍ୱାମେଧ ଘାଟ କୂଳରେ ଅବସ୍ଥିତ ସିଦ୍ଧ ଗଣେଶ ମନ୍ଦିରରେ ପୂଜା ଅନୁଷ୍ଠିତ ହୋଇଯାଇଛି । ପବିତ୍ର ଗଣେଶ ପୂଜା ଅବସରରେ ଏଠାରେ ସ୍ୱତନ୍ତ୍ର ନୀତିକାନ୍ତିରେ ପୂଜା ଅନୁଷ୍ଠିତ ହୋଇଥାଏ। ବଢ଼ି ଭୋର ରୁ ପ୍ରଭୁ ସିଦ୍ଧ ଗଣେଶଙ୍କର ସ୍ନାନ ଆଳତି ପରେ ମନ୍ଦିର ଦ୍ୱାର ଫିଟା ହୋଇଥିଲା । ଏହି ପୀଠ ଏକ ତନ୍ତ୍ର ପୀଠ ଭାବରେ ପରିଚିତ ହୋଇଥିବା ବେଳେ ଏଠାରେ ପ୍ରଭୁ ଗଣେଶ ଯମ ମା ସାତ ଭଉଣୀ ସହିତ ଅଷ୍ଟମ ଦେବତା ରୂପେ ପୂଜା ପାଇଥାନ୍ତି । ବିଶେଷ କରି ଆଜିର ଦିନରେ ଏଠାରେ ବହୁ ଭକ୍ତଙ୍କର ସମାଗମ ଦେଖିବାକୁ ମିଳିଥାଏ । ଭକ୍ତମାନେ ଏଠାରେ ନିଜର ମାନସିକ ରଖି ପୂଜା କରିବା ସହିତ ଛୋଟ ପିଲା ମାନଙ୍କର ଖଡି ଛୁଆଁ , ବୁଦ୍ଧି ଲାଭ ପାଇଁ ଭିଡ଼ ଜମାଇଥାନ୍ତି । ଏଠାରେ ପ୍ରଭୁ ସିଦ୍ଧ ଗଣେଶ ଉତ୍ତର ମୁଖୀ ହୋଇ ପୂଜା ପାଇଥାନ୍ତି । ବିଶ୍ୱାସ ରହିଛି ଏଠାରେ ଯେଉଁ ପିଲା ମାନଙ୍କର ପାଟି ଫିଟିନଥାଏ ଏଠାରେ ମାନସିକ ରଖାଯାଇଥାଏ । ଏଠାରେ ପୂଜା ପାଉଥିବା ସିଦ୍ଧ ଗଣେଶ ବହୁ ପୁରାତନ କାଳରୁ ପୂଜା ପାଉଥିବାରୁ ବୁଢା ଗଣେଶ ଭାବେ ବେଶ ଖ୍ୟାତି ରହିଛି ।

# ଜିଲ୍ଲା ପ୍ରେସ୍ ରୁମରେ ଗଣେଶ ପୂଜା

**ଯାଜପୁର, ୭।୯ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ଜିଲ୍ଲା ପ୍ରେସ୍ ରୁମରେ ପ୍ରଭୁ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରଥମକରି ପ୍ରଶାସନ ପକ୍ଷରୁ ପ୍ରେସ୍ ରୁମ୍ ଯୋଗାଇ ଦିଆଯିବାରୁ ପ୍ରେସ୍ ରୁମ୍ ପ୍ରକୋଷ୍ଠରେ ଗଜାନନ ପୂଜା ରୀତିନୀତି ଅନୁଯାୟ ଅନୁଷ୍ଠିତ ହୋଇଥିଲା। ସହରର ସମସ୍ତ ଗଣମାଧ୍ୟମ ପ୍ରତିନିଧି ପୂଜାରେ ସାମିଲ ହେବା ସହ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। କ୍ଲବର ସଭାପତି ରାଜୀବ ମହାନ୍ତି ପୁରୋଧା ଭାବେ ପୂଜାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସାଧାରଣ ସମ୍ପାଦକ ଅରୁଣ କୁମାର ରାଉତରାୟ, କାର୍ଯ୍ୟକାରୀ ସଭାପତି ଆଦିତ୍ୟ ମେକାପ, ଉପସଭାପତି ଦିଲ୍ଲୀପ ଦାସ, ବିରଜା ପ୍ରସାଦ ପାଣି, ସଂଗଠନ ସମ୍ପାଦକ ତପନ ମହାନ୍ତି, ବରିଷ୍ଠ ସଦସ୍ୟ କୈଳାଶ ନାୟକ, ତରୁଣ ନନ୍ଦ, ପରମେଶ୍ୱର ବେଉରିଆ, ବିଜୟ କୁମାର ମହାନ୍ତି, ମହେଶ୍ୱର ସାହୁ, ଅନିଲ ପଣ୍ଡା, ସୁରେନ୍ଦ୍ର ସାମଲ, ଦେବାଶିଷ ସାହୁ, ବିଜୟ କୁମାର ସାହୁ, ସୌମ୍ୟପ୍ରକାଶ ଦାସ, ବିଭୂଦତ୍ତ ପୃଷ୍ଟି, ଶକ୍ତିସୌରଭ ମହାପାତ୍ର, ମାନସ ରଞ୍ଜନ ତ୍ରିପାଠୀ, କୃଷ୍ଣ ଚନ୍ଦ୍ର ନାୟକ, ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# କଣାସରେ ଗଜାନନଙ୍କ ପୂଜା ଉତ୍ସବ ପାଳିତ



**କଣାସ, ୭।୯ (ସଂଚାର ବ୍ୟୁରୋ):** ସାରାଦେଶରେ ଆଜି ଗଜାନନଙ୍କ ପୂଜା ଉତ୍ସବ ମହାସମାରୋହରେ ପାଳିତ ହେଉଥିବା ବେଳେ କଣାସ ବ୍ଲକର ପୁରପଲ୍ଲୀ, ବଜାର, ବ୍ୟବସାୟୀକ ଅନୁଷ୍ଠାନ, ବିଦ୍ୟାଳୟ ମାନଙ୍କରେ ଆଜି ଗଜାନନଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ପ୍ରଭାତରୁ ସ୍ନାନ ସାରିବାପରେ ନୂତନ ବସ୍ତ୍ର ପରିଧ୍ୟାନ କରି ପୁଷ୍ପ ଓ ନଡିଅ ଧରି ବିଦ୍ୟାଳୟକୁ ଯାଇ ନଡିଆ ବାଡେଇବା ସହିତ ପୂଜା ଆର୍ଚ୍ଚନା କରିଥିଲେ। ଆଜି କୋମଳମତି ପିଲାମାନେ ନୂତନ ଭାବେ ବିଦ୍ୟାଳୟକୁ ଯାଇ ଗୁରୁଙ୍କୁ ମୁଣ୍ଡିଆମାରି ନୂଆ ସ୍ଲେଟ୍ଟି ଧରି ବିଦ୍ୟା ଆରମ୍ଭ କରିଥିଲେ। କଣାସ ଠାରେ କଣାସ ଗୋଲାବଜାର, କଣାସ କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ, ଗଣେଶ କ୍ଲବ କୃଷ୍ଣନଗର, ଆରଡିସି କ୍ଲବ ବାଲିଘାଇ ଛକ, କଣାସ ଗ୍ରାମ, ନୂଆଦୋକନ୍ଦା, ଜଙ୍ଗିଆ, ବିଜିପୁର, କରମଳା, ଗଡିଶାଗୋଦା, ଜାଗୁଲେଇପଦର, ବଡାଲ, କଉଡିଖଣି, ବକୁ, ସାହୁପଡା, ଗଡଖାରଦ, ଶ୍ରୀପୁରୁଷତମପୁର, ମନ୍ଦାରବସ୍ତ, କାତପଡା, ଜଙ୍ଘାର ଓ ଅନ୍ୟାନ୍ୟ ବଜାର କମିଟି ପକ୍ଷରୁ ରଂଗବେରଂଗର ତୋରଣ ମଧ୍ୟରେ ବିରାଟ ବିରାଟକାୟ ଗଣେଶ ମୁର୍ତ୍ତି ବସାଯାଇ ପୂଜା ଅର୍ଚ୍ଚନା ଚାଲିଥିବା ଦେଖିବାକୁ ମିଳିଥିଲା ।

# ସୁଭଦ୍ରା ଯୋଜନା ଆବେଦନ ପାଇଁ ମହିଳାଙ୍କ ଅବସ୍ଥା କହିଲେ ନ ସରେ

**କଣାସ, ୭।୯ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ୨୧ବର୍ଷରୁ ୬୦ବର୍ଷ ମଧ୍ୟରେ ମହିଳାମାନଙ୍କୁ ସୁଭଦ୍ରା ଯୋଜନା ନାମକ ଏକ ଯୋଜନା ପ୍ରଣୟନ କରି ୫ବର୍ଷରେ ୫୦ହଜାର ଟଙ୍କା ଦେବେ ବୋଲି ପ୍ରତିସୃତି ଦେବା ସହ ଅବେଦନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଗତ ୪ତାରିଖ ଠାରୁ ସୁଭଦ୍ରା ଯୋଜନା ଆବେଦନ ପତ୍ର କଣାସ ବ୍ଲକର ପ୍ରତି ଜନସେବା ଓ ମୋସେବା କେନ୍ଦ୍ରରେ ଆବେଦନ କରିବାପାଇଁ ନିର୍ଦ୍ଦେଶ ଦେବାରୁ ମହିଳାମାନେ ୪ତାରିଖ ଠାରୁ ଶହଶହ ସଂଖ୍ୟାରେ ଜନସେବା ଓ ମୋ ସେବାକେନ୍ଦ୍ରରେ ଦିନ ତମାମ ଧାଡି ବାନ୍ଧି ରହୁଛନ୍ତି । କିନ୍ତୁ ଦିନରେ ସୁଭଦ୍ରା ସାଇଟ୍ ଖୋଲୁନଥିବାରୁ ରାତି ୧୧ଟା ପରେ ସୁଭଦ୍ରା ସାଇଟ୍ ଖୋଲୁଥିବାରୁ ମହିଳାମାନେ ଜନ ସେବା ଓ ମୋ ସେବା କନ୍ଦ୍ରରେ ରାତି ତମାମ ଆବେଦନ କରିବାପାଇଁ କାନି ପକାଇ ଶୋଇ ରହୁଛନ୍ତି । କିନ୍ତୁ ଦୁଃଖର କଥା ରାତିରେ ୫୦ରୁ ୧୦୦ ମହିଳା ଥିବା ବେଳେ ସାଇଟ୍ ଖୋଲୁନଥିବାରୁ ମାତ୍ର ୪ରୁ ୫ଜଣଙ୍କର ଆବେଦନ ହୋଇପାରୁଛି। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବିହେଉଛି ।

# ବଲାଙ୍ଗିରରେ ଗଡ଼ିଲା ସୁଭଦ୍ରା ସଚେତନତା ରଥ

## ଯୋଜନା ସମ୍ପର୍କିତ ସଠିକ ତଥ୍ୟ ପ୍ରଦାନ କରିବା ଲକ୍ଷ୍ୟ



**ବଲାଙ୍ଗିର, ୭।୯ (ସଂଚାର ବ୍ୟୁରୋ):** ମହିଳାଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଯୋଜନା ସୁଭଦ୍ରାର ଫର୍ମ ବଣ୍ଟନ ଓ ଆବେଦନ ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇସାରିଛି। ଏହି ଯୋଜନା ସମ୍ପର୍କିତ ଲୋକଙ୍କ ଭିତରେ ରହିଯାଇଥିବା ଭ୍ରମ ଓ ଭ୍ରାନ୍ତ ଧାରଣାକୁ ଦୂର କରି ହିତାଧିକାରୀଙ୍କୁ ସଠିକ ତଥ୍ୟ ପ୍ରଦାନ ପୂର୍ବକ ସଚେତନ କରିବା ଲକ୍ଷ୍ୟ ନେଇ ସମଗ୍ର ରାଜ୍ୟରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଏଥିପାଇଁ ଆଜି ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳର ଅଧିବାସୀଙ୍କୁ ସୁଭଦ୍ରା ଯୋଜନା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିବା ପାଇଁ ସମୁଦାୟ ନଅ ଗୋଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରାଯାଇଛି ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ପତାକା ଦେଖାଇ ସୁଭଦ୍ରା ରଥର ଶୁଭାରମ୍ଭ କରିଥିଲେ । ଏହି ଉତ୍ସବରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସାଲଓ୍ୱାର, ଆରକ୍ଷୀ ଅଧିକ୍ଷକ ଋଷିକେଶ ଖିଲାରୀ ଦ୍ୟାଂଦେଓ , ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ , ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର ଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ନିଜ ବିବୃତିରେ ଉପମୁଖ୍ୟମନ୍ତ୍ରୀ ଏହି ଯୋଜନା ରାଜ୍ୟ ସରକାରଙ୍କ ମହିଳା ମାନଙ୍କ ପ୍ରତି ଥିବା ସମ୍ମାନ ଓ ସେମାନଙ୍କ କଲ୍ୟାଣ ଲାଗି ଥିବା ପ୍ରତିବଦ୍ଧତାର ପ୍ରମାଣ ବୋଲି କହିଥିଲେ ।

ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଚାଲିଥିବା ଆବେଦନର କୌଣସି ଶେଷ ତାରିଖ ନାହିଁ, ସମସ୍ତ ଯୋଗ୍ୟ ମା ଓ ଭଉଣୀ ମାନଙ୍କୁ ଏହି ଯୋଜନାର ଲାଭ ନିଶ୍ଚୟ ମିଳିବ ବୋଲି କହିଥିଲେ । ଏହି ସଚେତନତା ରଥ ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବ । ଏହା ସହ ଉପମୁଖ୍ୟମନ୍ତ୍ରୀ ସର୍କିଟ ହାଉସ ରେ କୃଷି କ୍ଷେତ୍ର ପାଇଁ ଦୁଇଟି ଡ୍ରନର ଶୁଭ ଉଦଘାଟନ କରିଥିଲେ। ଏହାକୁ ଇଫକୋ ପ୍ରଦାନ କରିଛି। ଔଷଧ ସିଞ୍ଚନ ଭଳି ଜରୁରୀ କାମ ଏଥିରେ କରାଯାଇପାରିବ। ଏହା ସହ କିଛି ହିତାଧିକାରୀଙ୍କୁ ସବସିଡି ଯୁକ୍ତ ଟ୍ରାକ୍ଟର ପ୍ରଦାନ କରିଥିଲେ।

# ଜଗତସିଂହପୁରରେ ବିଜେପି କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ



**ଜଗତସିଂହପୁର, ୭।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ଶାରଦା ମଣ୍ଡପ ଠାରେ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସଭାପତିତ୍ୱରେ ଜିଲ୍ଲା ସଦସ୍ୟତା ଅଭିଯାନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଉପସଭାପତି ସୌଭାଗ୍ୟ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଜଗନ୍ନାଥ ଦାଶ ଅତିଥି ମାନଙ୍କୁ ସମର୍ଦ୍ଧିତ କରିଥିଲେ । ମୁଖ୍ୟ ଅତିଥି ଭାବରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ଜଗତସିଂହପୁର ସାଂସଦ ଡ଼. ବିଭୁ ପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ମିଡ଼ିଆ ସେଲ ଅଧ୍ୟକ୍ଷ ତଥା ସଦସ୍ୟତା ପ୍ରମୁଖ ଗଣେଶ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଜିଲ୍ଲାରେ ଗତ ୩ ତାରିଖରୁ ଅନୁଷ୍ଠିତ ସଦସ୍ୟତା ଅଭିଯାନ ଚଳିତ ମାସ ୨୫ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟ ଅତିଥି ସୁନୀଲ ବଂଶଲ ଜି ତାଙ୍କ ବକ୍ତବ୍ୟ କହିଲେ ଯେ ୨୦୧୪ରେ କାର୍ଯ୍ୟକର୍ତ୍ତା ନିର୍ମାଣ ରାଜ୍ୟରେ ଜଗତସିଂହପୁର ଆଗରେ ଥିଲା ବେଳେ ଚଳିତ ବର୍ଷ ଜିଲ୍ଲା ଅଧିକ ସଭ୍ୟ ସଂଗ୍ରହ କରିବେ ବୋଲି ମୁଁ ଆଶା କରୁଛି। ସେ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇ ଥିଲେ ଗାଁ କୁ ଗାଁ ଯାଇ,ବାଜା ବଜାଇ ଉତ୍ସବ ପାଳନ କଲା ପରି ସଭ୍ୟ ସଂଗ୍ରହ କରିବେ। ଜିଲ୍ଲା ଓ ମଣ୍ଡଳରେ ଯିଏ ଅଧିକ ସଭ୍ୟ ସଂଗ୍ରହ କରିବେ ଜିଲ୍ଲା ସଭାପତି ସେମାନଂକୁ ସମର୍ଦ୍ଧିତ କରିବେ। ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦା ଓ ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ସତ୍ୟ ସାରଥି ମହାନ୍ତି, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ପ୍ରତାପ ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ପୌର ପରିଷଦର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ,ଅମିତା ଦାସ,ମୋହିତ ମହାନ୍ତି, କଳ୍ପନା ମହାନ୍ତି ସର୍ଜନା ସିଂହ,ସାଧାରଣ ସମ୍ପାଦକ ଯୁଗଳ ନାୟକ,ଜିଲ୍ଲା ର ସମସ୍ତ ମଣ୍ଡଳ ସଭାପତି,ମୋର୍ଚ୍ଚା ସଭାପତି,କ୍ରିଷ୍ଣା ମହାନ୍ତି, ସୁଧୀର ମଲିକ, ସୁବୋଧ ବାରିକ, ତପନ ବେହେରା ଓ ବାମଦେବ ମଲ୍ଲିକ,ଯୋଗ ଦେଇଥିଲେ,ସଦସ୍ୟତା ଅଭିଯାନର ଜିଲ୍ଲା, ମଣ୍ଡଳ ଓ ଶକ୍ତି କେନ୍ଦ୍ରର ଟୋଲୀର ସଦସ୍ୟ ଗଣ, ସମସ୍ତ ପଞ୍ଚାୟତର ସଦସ୍ୟତା ସହଯୋଗୀ ଗଣ ପ୍ରଭୃତି ଯୋଗ ଦେଇଥିଲେ। ଶେଷରେ ଅନ୍ୟତମ ସାଧାରଣ ସମ୍ପାଦକ ସୁବାଷ ଜେନା ଧନ୍ୟବାଦ ଜଣାଇଥିଲେ ।

# ସାଉଦି ଆରବରେ ଫସିଛନ୍ତି ଓଡିଶାର ୬ ଶ୍ରମିକ



**ରାଜନଗର, ୭।୯ (ସଂଚାର ବ୍ୟୁରୋ):** ସୁଦୂର ସାଉଦି ଆରବକୁ କାମ କରିବାକୁ ଫସିଛନ୍ତି ୬ଜଣ ଶ୍ରମିକ। ୬ଜଣ ଶ୍ରମିକଙ୍କ ମଧ୍ୟରେ ରାଜନଗରର ଜଣେ, ଆଳିର ଜଣେ ଓ ଖୋର୍ଦ୍ଧା ଜିଲ୍ଲାର ୪ଜଣ ଶ୍ରମିକ ଫସି ରହିଥିବା ଭିଡିଓ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି। ଶ୍ରମିକଙ୍କ ଦୁର୍ଦ୍ଦଶାର କାହାଣୀ ସୋସିଆଲ ମିଡିଆରେ ଏବେ ଘୁରି ବୁଲୁଛି। ରାଜନଗର ବ୍ଲକ ନଗଡ ଗାଁର କ୍ଷୀରୋଦ କୁମାର ପାତ୍ର କାମ ନପାଇ ସାଉଦି ଆରବକୁ କାମ କରିବାକୁ ଯାଇଥିଲେ। ଧାର କରଜ କରି ୭୦ ହଜାର ଟଙ୍କା ଆସମାକ୍ସ ନାମକ ଏକ ସଂସ୍ଥାକୁ ଦେଇ କମ୍ପାନୀକୁ କାମ କରିବାକୁ ଦେଇଥିଲେ। ଯେଉଁ କମ୍ପାନୀରେ କାମ ଦେବାକୁ ଦେଇ ଏହି ସଂସ୍ଥା ନେଇଥିଲା, ସେଠାରେ ଅନ୍ୟ ଏକ କମ୍ପାନୀ ଆସଲ୍ଟକ ନାମକ ଏକ ପାକିସ୍ତାନୀ ମାଲିକଙ୍କ କମ୍ପାନୀରେ କାମ ଦେଇଥିଲେ। ସେଠାରେ ୪ମାସ ହେଲା କାମ କରିଥିଲେ ମଧ୍ୟ କମ୍ପାନୀ ମଜୁରୀ ଦେଉନାହିଁ। କମ୍ପାନୀ ଟଙ୍କା ଦେଉନଥିବା ବେଳେ ସେମାନେ ଘରକୁ ଆସିବାକୁ ମଧ୍ୟ ଟିକେଟ ଦେଉନି। ସେମାନେ ଗଲାବେଳେ ଯେତିକି ଟଙ୍କା ନେଇଥିଲେ ସେ ଟଙ୍କା ସରିଯିବା ପରେ ଏବେ ଭୋକ ଉପାସରେ ଦିନ କାଟୁଛନ୍ତି। ଗତ ୨ଦିନ ହେବ ଏହି ୬ଜଣ ଓଡିଆ ଶ୍ରମିକ ଓପାସରେ ଥିବା ନେଇ ଭିଡିଓ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି। ରାଜନଗର ବ୍ଲକ ନଗଡ ଗାଁର କ୍ଷୀରୋଦ କୁମାର ପାତ୍ର ବାହାରକୁ କାମ କରିବାକୁ ଯିବାରୁ ପରିବାର ଲୋକେ ଖୁସି ହୋଇଥିଲେ। ମାତ୍ର ସ୍ୱାମୀ ଯିବାର ୪ମାସ ପରେବି ଟଙ୍କାଟିଏ ଦେଇନାହାଁନ୍ତି। କମ୍ପାନୀ ତାଙ୍କୁ ମଜୁରୀ ଦେଉନଥିବାରୁ ସେ ଦୁଇଦିନ ହେଲା ଖାଇବାକୁ ପାଉନାହାଁନ୍ତି। ଏପଟେ ଘରେ ଟଙ୍କା ନଥିବାରୁ ଆମେ ମଧ୍ୟ ଉପବାସରେ ରହୁଛୁ। ଝିଅ ଗଣେଷ ପୂଜା ନିମନ୍ତେ ନୂଆ ଡ୍ରେସ ପାଇଁ ଅଳି କରୁଥିଲେ ମଧ୍ୟ ପାଖରେ ଟଙ୍କାଟିଏ ନଥିବାରୁ ତା ଇଚ୍ଛା ମଧ୍ୟ ପୁରଣ କରିପାରୁନୁ। ସରକାର ପଦକ୍ଷେପ ନେଇ ମୋ ସ୍ୱାମୀଙ୍କୁ ଫେରାଇ ଆଣିବାକୁ କ୍ଷୀରୋଦଙ୍କ ପତ୍ନୀ କାନ୍ଦି କାନ୍ଦି କହିଛନ୍ତି।

# ମାଲକାନଗିରି ଜିଲ୍ଲାରେ ସୁଭଦ୍ରା ରଥର ଶୁଭାରମ୍ଭ

**ମାଲକାନଗିରି, ୭।୯ (ସଂଚାର ବ୍ୟୁରୋ):** ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ରଥକୁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ନେଇ ଲୋକଙ୍କୁ ସଚେତନ କରିବା ପାଇଁ ସେପ୍ଟେମ୍ବର ୭ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହି ରଥ ଜିଲ୍ଲା ବୁଲିବ। ସେପ୍ଟେମ୍ବର ୧୭ ତାରିଖରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହେବ।



ଏହି ରଥ ସଦର ମହକୁମାଠାରୁ ଗାଁ ପର୍ଯ୍ୟନ୍ତ ଚାରିଆଡେ ବୁଲି ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବା ସହିତ ଉପଯୁକ୍ତ ତଥ୍ୟ ପ୍ରଦାନ କରିବ। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ତେରେସ୍କଭା ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ଓ ଜିଲ୍ଲା ବିତ୍ତ ପରିଚାଳକ, ମାନସ ମିଶ୍ର ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ମିଶନ ଶକ୍ତିର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ମହିଳାଙ୍କୁ ସଶକ୍ତୀକରଣ କରିବ ସୁଭଦ୍ରା ଯୋଜନା



**କେନ୍ଦ୍ରାପଡ଼ା, ୭।୯ (ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡ଼ା ସଂସ୍କୃତି ଭବନଠାରେ କେନ୍ଦ୍ରାପଡ଼ା ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡା ସୁଭଦ୍ରା ଯୋଜନା ରଥର ଶୁଭ ଉଦଘାଟନ କରିଛନ୍ତି। ମହିଳାଙ୍କୁ ସଶକ୍ତିକରଣ କରିବ ସୁଭଦ୍ରା ଯୋଜନା। ବର୍ଷକୁ ଦୁଇଥର ୫ ହଜାର ଲେଖାଏଁ ଟଙ୍କା ୫ ବର୍ଷ ମଧ୍ୟରେ ମୋଟ ୫୦ ହଜାର ଟଙ୍କା ସିଧାସଳଖ ଭାବେ ସୁଭଦ୍ରା ଯୋଜନାର ନିୟମ ଅନୁଯାୟୀ ଜିଲ୍ଲାର ସମସ୍ତ ମହିଳାଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର ହେବ। ଫଳରେ ମହିଳାମାନେ ଆତ୍ମନିର୍ଭରଶୀଳ ହୋଇ ପାରିବେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆଜି ମାନ୍ୟବର ସାଂସଦ ୫ଟି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ସେଗୁଡିକ ଜିଲ୍ଲାର ୯ଟି ବ୍ଲକର ପ୍ରତ୍ୟକ ଗ୍ରାମପଞ୍ଚାୟତ ଓ ଦୁଇଟି ପୌରାଞ୍ଚଳ ପରିକ୍ରମା କରି ଏହି ଯୋଜନାର ସଫଳତା ନିମନ୍ତେ ସଚେତନତାର ବାର୍ତ୍ତା ବାଣ୍ଟିବ।ସୁଭଦ୍ରା ଯୋଜନାରୁ ଯେପରି କୌଣସି ହିତାଧିକାରୀ ବାଦ ନପଡନ୍ତି ସେଥିପ୍ରତି ଜିଲ୍ଲା ପ୍ରଶାସନ ସଜାଗ ଅଛି। ସୁଭଦ୍ରା ଯୋଜନାର ପଞ୍ଜିକରଣ ସମ୍ପର୍କରେ ଏହି ରଥ ମାଧ୍ୟମରେ ଲୋକମାନେ ସଚେତନ ହେବେ ଏବଂ ଏହାର ନିର୍ଦ୍ଦିଷ୍ଟ ସମୟସୀମା ରାଜ୍ୟ ସରକାର ଧ୍ୟାର୍ଯ୍ୟ କରିନଥିବାରୁ ଲୋକମାନେ ବ୍ୟସ୍ତ ନହୋଇ, ଗହଳି ନକରି ନିକଟସ୍ଥ ଜନସେବାକେନ୍ଦ୍ର ବା ମୋ ସେବା କେନ୍ଦ୍ରରେ ଫର୍ମ ପଞ୍ଜିକରଣ କରିପାରିବେ। ଏଥିପାଇଁ ହିତାଧିକାରୀଙ୍କୁ କୌଣସି ମୂଲ୍ୟ ଦେବାକୁ ପଡିବ ନାହିଁ ବୋଲି ଜିଲ୍ଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ଅଦକ୍ଷା ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡ଼ା ପୌର ପରିଷଦ ଅଧ୍ୟକ୍ଷା ସରିତା ସାହୁ, ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ବିଭିନ୍ନ ବ୍ଲକର ବିଡ଼ିଓ, ଜିଲ୍ଲା ସ୍ତରୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ପରିଶେଷରେ ତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଭଦ୍ରା ରଥର ଶୁଭାରମ୍ଭ କଲେ ମୁକେଶ ମହାଲିଙ୍ଗ



**ସୁବର୍ଣ୍ଣପୁର, ୭।୯ (ସଂଚାର ବ୍ୟୁରୋ):** ସରକାରଙ୍କ ଯୁଗାନ୍ତକାରୀ ସୁଭଦ୍ରା ଯୋଜନାର ସଚେତନତା ନିମନ୍ତେ ଜିଲ୍ଲାରେ ୩ ଗୋଟି ସୁଭଦ୍ରା ରଥକୁ ମାନ୍ୟବର ମନ୍ତ୍ରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ଓଡିଶା ଡ. ମୁକେଶ ମହାଲିଙ୍ଗ ଓ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଛନ୍ତି । ଏହି ସୁଭଦ୍ରା ରଥ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ କୁ ପରିକ୍ରମା କରି ଯୋଜନା ସମ୍ବନ୍ଧରେ ସଚେତନତା କରିବ। ଅଦ୍ୟ ଶୁଭାରମ୍ଭ ତିନିଗୋଟି ସୁଭଦ୍ରା ରଥ ତା ୦୭/୦୯/୨୪ ଠାରୁ ତା ୧୧/୦୯/୨୪ ପର୍ଯ୍ୟନ୍ତ ଜିଲ୍ଲାର ବୀରମହାରାଜପୁର, ସୋନପୁର ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳ ପରିକ୍ରମା କରିବାକୁ ଥିବା ବେଳେ ତା ୧୨/୦୯/୨୪ ରୁ ତା ୧୬/୦୯/୨୪ ପର୍ଯ୍ୟନ୍ତ ବିନିକା, ଉଲୁଣ୍ଡା ଓ ତରଭା ବ୍ଲକ ଅଞ୍ଚଳ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ପରେ ପରେ ମାନ୍ୟବର ମନ୍ତ୍ରୀ ଡ. ମହାଲିଙ୍ଗ ଓ ମାନ୍ୟବର ବିଧାୟକ ବୀରମହାରାଜପୁର ଇଂ ଜଗଦଲା ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ କାର୍ଯ୍ୟକାରିତା ଓ ରୂପାୟନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆଲୋଚନା ବୈଠକରେ ଯୋଗଦାନ କରି ଏହି ଯୋଜନା ରାଜ୍ୟରେ ଏକ ଯୁଗାନ୍ତକାରୀ ଯୋଜନା ହୋଇଥିବା ବେଳେ ଯୋଜନାର ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟ ମୁକ୍ତ, ଆବେଦନ ନିମନ୍ତେ ସମୟ ସୀମାରେ କୌଣସି ନିର୍ଦ୍ଦିଷ୍ଟ ଅବଧି ନାହିଁ, ଏହି ଯୋଜନାରେ ସାମିଲ ହେବା ଏକ ନିରନ୍ତର ପ୍ରକ୍ରିୟା ଏଣୁ ଆବେଦନ ନିମନ୍ତେ କୌଣସି ପ୍ରକାର ଅଧର୍ଯ୍ୟ ନହୋଇ ହିତାଧିକାରୀ ଯେ କୌଣସି ଦିନରେ ମଧ୍ୟ ସାମିଲ ହୋଇପାରିବେ ବୋଲି କହିଥିଲେ।

# ଉଦଳାରେ ସୁଭଦ୍ରା ରଥ ଉଦ୍‌ଘାଟନ କଲେ ବିଧାୟକ

## ସେବା କେନ୍ଦ୍ର ହିତାଧିକାରୀଙ୍କ ଠାରୁ ଟଙ୍କା ନେଲେ କାର୍ଯ୍ୟାନୁଷ୍ଠାନ



**ଉଦଳା, ୭।୯ (ସଂଚାର ବ୍ୟୁରୋ):** ମହିଳା ସଶକ୍ତିକରଣ ଉଦ୍ଦେଶ୍ୟରେ ସମଗ୍ର ରାଜ୍ୟରେ ସମର୍ପିତ ହେବାକୁ ଥିବା ସୁଭଦ୍ରା ଯୋଜନା ଆଗାମୀ ୧୭ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ ହେବାକୁ ଥିବା ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଉପଖଣ୍ଡ ପାଇଁ ଉଦଳା ବ୍ଲକ, ଉଦଳା ଏନ୍.ଏ.ସି. ଏବଂ କପିପଦା ବ୍ଲକ ଅଞ୍ଚଳର ଜନସଚେତନତା ଉଦ୍ଦେଶ୍ୟରେ ଏକ ସୁଭଦ୍ରା ରଥର ଶୁଭ ଉଦ୍‌ଘାଟନ କରାଯାଇଛି । ସୁଭଦ୍ରା ଯୋଜନାର ସଫଳ ରୂପାୟନ ସଂପର୍କିତ ବିଶଦ ବିବରଣୀ ସମସ୍ତ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତୃପ୍ତି ବରାଇଙ୍କ ଅଧ୍ୟକ୍ଷତାରେ ଉଦଳା ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହିତ ଅନ୍ୟାନ୍ୟ ଅତିଥି ଭାବେ ଏନ୍.ଏ.ସି. ଅଧକ୍ଷା ପ୍ରମିଳା ପଣ୍ଡା, ସି.ଡ଼ି.ପି.ଓ. ଉଦଳା କୃଷ୍ଣା ମହାପାତ୍ର, ଏବି.ଡ଼ି.ଓ. ଶରତ କୁମାର ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଏନ୍.ଏ.ସି. ଉପାଧ୍ୟକ୍ଷା ଲିଲି ଭୋଳ, କାଉନସିଲର, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ଲକ ସ୍ତରୀୟ ମହାସଂଘ, ଏନ୍.ଏ.ସି. ଓ୍ୱାର୍ଡ ସ୍ତରୀୟ ମହାସଂଘ, ମିଶନ ଶକ୍ତିର ଅନ୍ୟାନ୍ୟ କର୍ମକର୍ତ୍ତା, ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧ ଉପସ୍ଥିତ ଥିଲେ । ତେବେ ବୈଠକ ରେ ଉଦଳା ବିଡ଼ିଓ ସମସ୍ତ ଙ୍କୁ ସଚେତନ କରାଇବା ସହିତ କହିଛନ୍ତି ଯେ ସୁଭଦ୍ରା ଯୋଜନା ସମ୍ପୂର୍ଣ୍ଣ ଦେୟମୁକ୍ତ,ଯଦି କୌଣସି ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ର ସୁଭଦ୍ରା ଗ୍ରାହକଙ୍କ ଠାରୁ ଟଙ୍କା ମାଗନ୍ତି ତା'ହେଲେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପ୍ରଶାସନ ପକ୍ଷରୁ ଗ୍ରହଣ କରାଯିବ । ତେବେ ସର୍ବଶେଷରେ ମୁଖ୍ୟ ଅତିଥି ଉଦଳାର ବିଧାୟକ ଭାସ୍କର ମଢେଇ ଆନୁଷ୍ଠାନିକ ଭାବେ ସୁଭଦ୍ରା ରଥର ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ କି ଉଦଳା ବ୍ଲକ, ଉଦଳା ଏନ୍.ଏ.ସି. ଏବଂ କପ୍ତିପଦା ବ୍ଲକ ନିମନ୍ତେ ପ୍ରସ୍ତୁତ ଭକ୍ତ ସୁଭଦ୍ରା ରଥ ଆଜି ଠାରୁ ସେପ୍ଟେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ପରିଭ୍ରମଣ କରିବ ।



# ଖୋର୍ଦ୍ଧାରେ ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ

**ଖୋର୍ଦ୍ଧା, ୭।୯ (ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଆଇନ ,ପୂର୍ତ୍ତ ଓ ଅବକାରୀ ବିଭାଗ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆଜି ସକାଳ ୧୧ ଘଟିକା ସମୟରେ ପତାକା ଦେଖାଇ ୩ ଗୋଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଖୋର୍ଦ୍ଧା ଜିଲ୍ଲାର ୬ ଗୋଟି ବ୍ଲକରେ ଏହି ୩ ଟି ରଥ ପରିକ୍ରମା କରିବ । ପରିକ୍ରମା ସମୟରେ ସୁଭଦ୍ରା ସଚେତନତା ସଙ୍ଗୀତ ଗାନ ପ୍ରଚାର କରିବ । ପ୍ରତି ୨ ଗୋଟି ବ୍ଲକକୁ ୧ଟି ରଥ ଉଦିଷ୍ଟ ରହିଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ , ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ପୌରପରିଷଦ ଅଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଜିଲ୍ଲାପାଳ ଖୋର୍ଦ୍ଧା ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା , ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ କସ୍ତୁରୀ ବାଳା ଜେନା ,ଉପ ଜିଲ୍ଲାପାଳ ଖୋର୍ଦ୍ଧା ଦୀପ୍ତି ରଞ୍ଜନ ସେଠୀ, ତହସିଲଦାର ଖୋର୍ଦ୍ଧା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସ୍ୱୟଂ ସହାୟକ ମହିଳା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲାର ବିଭିନ୍ନ ପଦାଧିକାରୀ,ବ୍ଲକ ଫେଡେରାଲ ସଭାପତି ଓ ସମ୍ପାଦକ ସହିତ ସାଧାରଣ ଲୋକ ଯୋଗ ଦେଇଥିଲେ ।

# ଗଞ୍ଜାମରେ ସୁଭଦ୍ରା ରଥ ଶୁଭାରମ୍ଭ

**ବ୍ରହ୍ମପୁର, ୭।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ଓଡିଶା ସରକାରଙ୍କ ସୁଭଦ୍ରା ଯୋଜନା ପାଇ ଅବେଦନ କରିବା ପାଇଁ ଓଡିଶା ସରକାର ଗାଇଡ୍ ଲାଇନ୍ ଜାରି କରିଛନ୍ତି। ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥର ଆୟୋଜନ କରାଯାଇଅଛି । ଓଡିଶାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହି ସୁଭଦ୍ରା ରଥ ଛତ୍ରପୁର ବ୍ଲକ୍‌ରେ ପରିଭ୍ରମଣ କରି ଜନ ସାଧାରଣଙ୍କୁ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରର ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଏସ ପ୍ରଧାନ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଗଞ୍ଜାମ ଆରକ୍ଷୀ ଅଧ୍ୟକ୍ଷ ଜଗ ମୋହନ ମୀନା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମୀତା, ଛତ୍ରପୁର ରଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବରାଡ ସିଡିପିଓ ପ୍ରଣମିତା ପଣ୍ଡା, ଓଡିଶା ଜାକୋ ମିଶନ ଶକ୍ତିର ବ୍ଲକ୍ ସଂଯୋଜିକ ମାନିନୀ ଜେନା, କୃଷି ମିତ୍ର, ବୁ ପ୍ରାଣୀ ମିତ୍ର, ଅଙ୍ଗନଓ୍ୱାଡ଼ି, ଆଶା,ସହାୟିକା, ବିଏଲଫ ଜିପିଏଲଏଫ୍ ମିଶନ୍ ଶକ୍ତି କର୍ମକର୍ତା ଏବଂ ଅନ୍ୟମାନେ ଯୋଗଦେଇଥିଲେ । ସେହିଭଳି ବ୍ରହ୍ମପୁର ମହାନଗର କାର୍ଯ୍ୟାଳୟ ଠାରେ ସୁଭଦ୍ରା ରଥ ଶୁଭାରମ୍ଭ ହୋଇଯାଇଛି। ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ରଥକୁ ଶୁଭାରମ୍ଭ କରିଥଲେ । ମେୟର ସଂଘମିତ୍ରା ଦଳାଇ ଏବଂ ଅନ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ ।



## ବାଲକାଟିର ବିଭିନ୍ନ ସ୍ଥାନରେ ଗଜାନନଙ୍କୁ ଆବାହନ

**ବାଲିଅନ୍ତା, ୭।୯ (ସଂଚାର ବ୍ୟୁରୋ):** ବାଲକାଟି ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ଗ୍ରାମ ଯୁବକ ସଂଘମାନଙ୍କରେ ପ୍ରଭୁ ଗଜାନନଙ୍କ ପୂଜାର୍ଚ୍ଚନା ଉଛାରିତ ପାଳିତ ହେଉଅଛି। ବିଶେଷକରି ବାଲକାଟିର ପ୍ରାୟ ପ୍ରତ୍ୟେକ ସାହିରେ ଖୁବ୍ ଧୁମ ଧାମରେ ଏହି ପୂଜା ପ୍ରତି ବର୍ଷ ଆୟୋଜିତ ହୋଇଥାଏ। ଏ ବର୍ଷ ମଧ୍ୟ ନୂଆପାଟଣା ,ବାଲକାଟିବଜାର, ରଥିପେଗାଗ୍ରାମର ଅଶିଗରିଆ ସାହି, ଡିହିଗରିଆସାହି, ନୂଆ ସାହି, ପଣସପାଟଣା, ବସନ୍ତପଡ଼ି, ବୁଢିପଡ଼ା ବଜାର କମିଟି ପ୍ରାୟ ପ୍ରଭୃତିରେ ଏହି ପୂଜା ଏବର୍ଷ ମଧ୍ୟ ଆୟୋଜିତ ହୋଇଅଛି।

## ଚୌଦ୍ୱାରରେ ପୂଜା ପାଇଲେ ଗଜାନନ

**ଟାଙ୍ଗୀ–ଚୌଦ୍ୱାର, ୭।୯ (ସଂଚାର ବ୍ୟୁରୋ):** ବିଘ୍ନବିନାଶକ ଶ୍ରୀ ଶ୍ରୀ ଗଣପତିଙ୍କ ପୂଜା ଉତ୍ସବ ଚୌଦ୍ୱାର ଓ ଏହାର ଆଖପାଖ ଗ୍ରାମାଞ୍ଚଳରେ ଜାକଜମକରେ ପାଳିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ସହିତ ଚୌଦ୍ୱାର ଥାନା ଅଧୀନରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ଗଣେଶ ମୂର୍ତ୍ତୀ। ସବୁ ମଣ୍ଡପରେ ରଙ୍ଗ ବେରଙ୍ଗ ଆଲୋକ ସଜ୍ଜା ସହିତ ପ୍ରତିଯୋଗିତା ଭିତ୍ତିରେ ନିର୍ମାଣ ହେଉଥିବା



ଗଣେଶ ମୂର୍ତ୍ତୀ ଦେଖିବା ପାଇଁ ସବୁଠି ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି। ଚଳିତ ବର୍ଷ ବୁକ୍ଫୁଟ ମୂର୍ତ୍ତୀ ନିର୍ମାଣ ଉପରେ କଟକଣା ଲାଗୁ କରାଯାଇଛି। ତେବେ ଏହି ନିୟମକୁ ମାନି ସମସ୍ତ କ୍ଲବ ଓ ଅନୁଷ୍ଠାନ ତରଫରୁ ଗଣେଶଙ୍କ ବିଭିନ୍ନ ପ୍ରକାର ପ୍ରତିମା ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଛି। ଚୌଦ୍ୱାର ଲେବରଟେର୍ଣ୍ଣମେଣ୍ଟ ସ୍ଥିତ ଯଯାତି କ୍ଲବ ପରିସରରେ ଗଜାନନ, ବିରୁପା ଗ୍ରାମଦେଜ ଠାରେ ବ୍ଲୁ ଡାଇମଣ୍ଡ କ୍ଲବ ତରଫରୁ ରାମ ଲାଲା ଗଣେଶ,ଚୌଦ୍ୱାର ବଡବଜାର ସ୍ଥିତ ଆଜାଦ କ୍ଲବରେ ବଂଶୀଧାରୀ ଗଣେଶ,ୟୁନିଟ୍ କ୍ଲବରେ ରାଜା ଗଣେଶ,ଯାତ୍ରା ପଡିଆ ସ୍ଥିତ ୟୁଥ୍ କ୍ଲବର ବ୍ୟାଘ୍ର ଚର୍ମ ଧାରୀ କୁନି ଗଣେଶ,ବ୍ରାହ୍ମଣ ସାହି ସ୍ଥିତ ଗଣେଶ କ୍ଲବ ପକ୍ଷରୁ ବୁଢା ଗଣେଶ,ବେଉରା ସାହି ଯୋଗେଶ୍ୱର ପୂଜା କମିଟି ତରଫରୁ ନିର୍ମାଣ ହେଉଥିବା ଜଗନ୍ନାଥ ବେଶ ଧାରୀ ଗଣେଶ ମୂର୍ତ୍ତୀ ଦେଖିବା ପାଇଁ ଲୋକମାନଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ସରକାରଙ୍କ ସମସ୍ତ ନିୟମକୁ ମାନି ମୂର୍ତ୍ତୀ ନିର୍ମାଣରେ ବ୍ୟବହୃତ ହୋଇଥିବା ରଙ୍ଗ ରାସାୟନିକ ବିହୀନ ରଙ୍ଗ ବ୍ୟବହାର କରାଯାଇଥିବା ମୂର୍ତ୍ତୀ କାରଗର ମାନେ ପ୍ରକାଶ କରିଛନ୍ତି। ଅନ୍ୟପଟେ ଚଳିତବର୍ଷ ପୂଜାକୁ ନିଶା ମୁକ୍ତ ଓ ଡିଜେ ମୁକ୍ତ କରିବାକୁ ବିଭିନ୍ନ କ୍ଲବର କର୍ମକର୍ତ୍ତା ମାନେ ଯଥା ସମ୍ଭବ ପାଳନ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ଜୟ ଭାରତ ଓ ଭାରତ ମସଲାର ୨୫ତମ ଭାରତ ପ୍ରତିଭା ସମ୍ମାନ ସମାରୋହ

## ଶିଳ୍ପ ଜରିଆରେ ନିଯୁକ୍ତି ସୁଯୋଗ ସୃଷ୍ଟି ଆମ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ):** ଶିଳ୍ପ ମାଧ୍ୟମରେ ରାଜ୍ୟରେ ଅର୍ଥନୈତିକ ବିକାଶ ହୋଇପାରିବ। କ୍ଷୁଦ୍ର, ମଧ୍ୟମ, ଲଘୁ ଶିଳ୍ପ ଜରିଆରେ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ। ଆମ ସରକାର ଏହି ସମସ୍ତ ଦିଗରେ ପ୍ରୟାସ କରୁଛନ୍ତି। ଭାରତ ମସଲା ଭଳି ସଂସ୍ଥା ଏ କ୍ଷେତ୍ରରେ ପଥ ପ୍ରଦର୍ଶକ ଭଳି ଭୂମିକା ନେଇପାରିବେ ବୋଲି କଟକ ଜିଲ୍ଲା ବାରଙ୍ଗଠାରେ ଜୟ ଭାରତ ଫାଉଣ୍ଡେସନ ଓ ଭାରତ ମସଲା ପକ୍ଷରୁ ଅନୁଷ୍ଠିତ ୨୫ତମ ଭାରତ ପ୍ରତିଭା ସମ୍ମାନ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ଶିଳ୍ପ ଏବଂ କ୍ଷୁଦ୍ର ଶିଳ୍ପ ଉଭୟ ଆମ ସରକାରଙ୍କ ପ୍ରାଥମିକତା। ଶିଳ୍ପ ଜରିଆରେ ଅର୍ଥନୈତିକ ବିକାଶ ଓ କ୍ଷୁଦ୍ର, ମଧ୍ୟମ, ଲଘୁ ଶିଳ୍ପ ଜରିଆରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ସରକାର ପ୍ରୟାସ କରୁଛନ୍ତି । ମାତ୍ର ୪୦୦ ଟଙ୍କା ମୂଳ ପୁଞ୍ଜିରୁ ଆରମ୍ଭ କରି ୬୦୦ କୋଟିରେ ପହଞ୍ଚିଥିବା ଭାରତ ମସଲା ଭଳି ସଂସ୍ଥା ଏ କ୍ଷେତ୍ରରେ ପଥ ପ୍ରଦର୍ଶକ ସାଜିଛି। ବ୍ୟକ୍ତିଗତ ଉଦ୍ୟମ କିପରି ସଫଳତାର ସ୍ତରକୁ ଛୁଇଁପାରେ ତାହା ଭାରତ ମସଲା କରି ଦେଖାଇଛି। ଷ୍ଟାର୍ଟ ଅପ୍ ଇଣ୍ଡିଆ ଏବଂ ଇନ୍‌କ୍ୟୁବେସନ ସେଣ୍ଟର ଗୁଡ଼ିକ ଜରିଆରେ ପ୍ରତିବର୍ଷ ୧୦୦୦ ଉଦ୍ୟୋଗୀଙ୍କୁ ସହାୟତା ଦିଆଯିବ ଏହା ସହିତ ରାଜ୍ୟରେ ଖୁବଶୀଘ୍ର ୧୧ଟି ଏମ୍‌ଏସ୍‌ଏମ୍‌ଇ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଆମ ସରକାର ଏମ୍‌ଏସ୍‌ଏମ୍‌ଇ ୟୁନିଟ୍‌ଗୁଡ଼ିକୁ ଆର୍ଥିକ ସହାୟତା, ସୁଧ



### ପାରଦର୍ଶିତା ହାସଲ କରିଥିବା ପ୍ରତିଭାଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ

ଫେରସ୍ତ ଓ ପୁଞ୍ଜି ପ୍ରବାହ ପାଇଁ ମଧ୍ୟ ବ୍ୟବସ୍ଥା କରିଛନ୍ତି। ୨୦୩୬ ମସିହାର ସମୃଦ୍ଧ ଓଡ଼ିଶା ଓ ୨୦୪୭ ମସିହାରେ ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ହେବାକୁ ଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଯୁବ ବର୍ଗଙ୍କୁ ଷ୍ଟାର୍ଟ ଅପ୍ ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ନୂତନ ଉଦ୍ୟୋଗ ପ୍ରତିଷ୍ଠା କରିବା ଆହ୍ୱାନ କରିଥିଲେ ।

ଅନ୍ୟତମ ଅତିଥିଭାବେ ରାଜ୍ୟ ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ଆଗକୁ ବଢ଼ିବାର ମାନସିକତାକୁ ଧରି ଏହି ସଂସ୍ଥା ଆଜି ଏକ ବିରାଟ ବଟ ବୃକ୍ଷରେ ପରିଣତ ହୋଇଛି। ଓଡିଶାର ଚାଷୀମାନଙ୍କୁ ମସଲା ଜାତୀୟ ଦ୍ରବ୍ୟ ଉତ୍ପାଦନ କରିବା ପାଇଁ ଉତ୍ସାହିତ କରୁଛି ଭାରତ ମସଲା । ଏହି ଅନୁଷ୍ଠାନ ଛୋଟ ବ୍ୟବସାୟରୁ ଉଦ୍ୟୋଗୀ ବନିବା ପାଇଁ ଓଡିଶାର ଯୁବ ବର୍ଗଙ୍କ ପାଇଁ ପ୍ରେରଣା ବୋଲି ସେ କହିଥିଲେ।

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଏକ ଛୋଟିଆ ମେସିନରୁ ଆତ୍ମ ବିଶ୍ୱାସର ସହ ଆରମ୍ଭ କରି ଆଗକୁ ବଢ଼ି ଆଜି ଭାରତର ଏକ ଅଗ୍ରଣୀ ମସଲା କମ୍ପାନୀ ଭାବେ ପ୍ରତିଷ୍ଠିତ ହୋଇ ଆମ ରାଜ୍ୟ ପାଇଁ ଉଦାହାରଣ ପାଲଟିଛି ଭାରତ ମସଲା।

କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କମ୍ପାନୀର ପ୍ରତିଷ୍ଠାତା ଶ୍ରୀ ସୁରେନ୍ଦ୍ର ନାଥ ପଣ୍ଡା ଏବଂ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ତାଙ୍କର ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚିନ୍ମୟ ପାତ୍ରଙ୍କୁ ବିଦ୍ୟା ଭାରତ ସମ୍ମାନ, ସିଲ୍‌ଭା ସାହୁଙ୍କୁ ବିଦ୍ୟା ଭାରତ ବାଣିଜ୍ୟ ସମ୍ମାନ, ପ୍ରଜ୍ଞା ପାରମିତା ଗିରିଙ୍କୁ ବିଦ୍ୟା ଭାରତ ବିଜ୍ଞାନ ସମ୍ମାନ, ବିଭାରାଣୀ ପାତ୍ରଙ୍କୁ କ୍ରୀଡା ଭାରତ ସମ୍ମାନ, ସୀତା ରାମ ଅଗ୍ରୱାଲ ଓ ନମିତା ଅଗ୍ରୱାଲଙ୍କୁ ସଂସ୍କୃତି ଭାରତ ସମ୍ମାନ, ଡ. ରବି ନାରାୟଣ ସେନାପତିଙ୍କୁ ସେବା ଭାରତ ସମ୍ମାନ, ଡ. ଗାୟତ୍ରୀ ବାଳା ପଣ୍ଡାଙ୍କୁ କଥା ଭାରତ ସମ୍ମାନ ଏବଂ ଡ. ସରୋଜ କୁମାର ପାଣିଗ୍ରାହୀଙ୍କୁ ଭାରତ ଗୌରବ ସମ୍ମାନରେ ସମ୍ମାନିତ କରିଥିଲେ।

## ସାର୍ବଜନୀନ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

**ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ):** ପବିତ୍ର ଗଣେଶ ଚତୁର୍ଥୀ ତିଥିରେ ଶୈଳଶ୍ରୀ ବିହାର ଆବାସିକ ସଂଘ ଫେଜ ୭ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା ପାଇଁ କୁଆଖାଇ ନଦୀ ପଠାରୁ ମାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟିର ଅଧ୍ୟକ୍ଷ ହେମନ୍ତ କୁମାର ମହାପାତ୍ର ଓ ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କମିଟିର କର୍ମକର୍ତ୍ତାମାନେ ପୂର୍ବ ନିର୍ଦ୍ଧାରିତ ଶୁଭବେଳା ଅନୁସାରେ କୁଆଖାଇ ନଦୀ ଅଭିମୁଖେ ଯାତ୍ରା କରିଥିଲେ। ନଦୀ ପଠାରେ ପୁରୋହିତ ଭାସ୍କର ଦାଶ ଯଥାବିଧି ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କାର୍ଯ୍ୟ ସମାପନ କରିବା ପରେ କର୍ତ୍ତା ଅନନ୍ତ କୁମାର ପ୍ରଧାନ ମାଟି ଉଠାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଆବାସିକ ସଂଘର ସଭାପତି ସଂଜିବ ବାରିକ, ସହ ସମ୍ପାଦକ ସୁରେନ୍ଦ୍ର ନାଥ ସେନାପତି, ଶୈଳଶ୍ରୀ ବିହାର ଜଗନ୍ନାଥ ମନ୍ଦିର କମିଟି ସଭାପତି ଆଶିଷ କୁମାର ମଲ୍ଲିକ, ମୂର୍ତ୍ତିର୍ କାରିଗର ରବୀନ୍ଦ୍ର କୁମାର ମୁଦୁଲି ଓ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଓଡିଶା ସ୍କାଉଟସ୍ ଏବଂ ଗାଇଡସ୍ ଦ୍ୱାରା 'ବସନ୍ତ ବିଶ୍ୱାଳ ପୁରସ୍କାର' ପ୍ରଦାନ

**ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପୂର୍ବତନ ସଭାପତି ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସକୁ 'ବସନ୍ତ ଦିବସ' ରୂପେ ରାଜ୍ୟ କାର୍ଯ୍ୟାଳୟ ତରଫରୁ ପାଳନ କରାଯାଇଛି । ଏହି ଅବସରରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ସେହି ମହାନ ବ୍ୟକ୍ତିତ୍ୱର ସ୍ମୃତ୍ୟାଥେର୍ ବିଭିନ୍ନ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩୪ ଜଣଙ୍କୁ ଜିଲ୍ଲା ଏବଂ ରାଜ୍ୟସ୍ତରରେ ସ୍କାଉଟିଂର ଉନ୍ନତି ଲାଗି 'ବସନ୍ତ ବିଶ୍ୱାଳ ପୁରସ୍କାର' ମାନ୍ୟବର ମହିଳା କମିଶନର ଅଧ୍ୟକ୍ଷା ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ଡଃ. (ଶ୍ରୀମତୀ) ମିନତୀ ବେହେରା, ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଉପସ୍ଥିତ ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନମାନେ ସ୍ୱର୍ଗତ ବିଶ୍ୱାଳଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ ବେଳେ ଡଃ. ବେହେରା ସ୍ୱର୍ଗତ ବିଶ୍ୱାଳଙ୍କର ଓଡିଶା ଲାଗି ଅବଦାନ ଅମଳିନ



ଅବିସ୍ମରଣୀୟ ବୋଲି କହିଥିଲେ । ରାଜ୍ୟ ଗାଇଡ୍ ସଂଗଠନ କମିଶନର ଏବଂ ଆଡମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ସଭା ପରିଚାଳନା କରିଥିଲେ। ଚଳିତ ବର୍ଷ "ବସନ୍ତ ବିଶ୍ୱାଳ ପୁରସ୍କାର" ପାଇଥିବା ସମସ୍ତଙ୍କୁ ମାନ୍ୟବର ପୂର୍ବତନ ମନ୍ତ୍ରୀ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଶୁଭେଚ୍ଛା ଜ୍ଞାପନ କରିଥିଲେ ।

## ଗଣେଶ ପୂଜା ମଣ୍ଡପ ପରିଦର୍ଶନ କଲେ ନବୀନ

**ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ):** ଆଜି ଗଣେଶ ଚତୁର୍ଥୀ। ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ସିଦ୍ଧିଦାତା ଗଜାନନ। ଏହି ଅବସରରେ ଗଣେଶ ଭଗବାନଙ୍କ ଆଶୀର୍ବାଦ ପାଇଁ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ ପୂଜା ମଣ୍ଡପ ଯାଇ ପ୍ରଭୁଙ୍କ ଦର୍ଶନ କରି ଓଡିଶାବାସୀଙ୍କ ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ପ୍ରଥମେ ପୁରୁଣା ଭୁବନେଶ୍ୱରର ବଢେଇବାଙ୍କ ଛକ ସ୍ଥିତ ଏକାମ୍ର ରାଜା ଗଣେଶ ପୂଜା ମଣ୍ଡପ ପରିଦର୍ଶନ କରି ପୂଜା କରିଥିଲେ। ପରେ ପରେ ତିନିମୁଣ୍ଡିଆ ଛକରେ ପୂଜିତ ଚାଳିଶ ଫୁଟ ଉଚ୍ଚ ଗଣେଶଙ୍କ ପୂଜା କରି ଆଠ ନମ୍ବର ଆଖଣ୍ଡଳମଣି ପୂଜା କମିଟି ମୁଣ୍ଡପ ଓ ଗଜପତି ନଗର ପୂଜା ମଣ୍ଡପ ବୁଲି ଦେଖିବା ସହ ଗଣେଶ ଭଗବାନଙ୍କ



ପୂଜା କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କୁ ବିଭିନ୍ନ ମଣ୍ଡପ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା.ସେଠାରେ ସମବେତ ଭକ୍ତ ମାନଙ୍କୁ ଶ୍ରୀ ପଟ୍ଟନାୟକ ଗଣେଶ ପୂଜା ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ମଣ୍ଡପ ରେ ପୂଜା କମିଟି କର୍ମକର୍ତ୍ତା ଙ୍କ ସହିତ ବିଧାୟକ ଅନନ୍ତ ନାରାୟଣ ଜେନା. ବିଧାୟକ ଶ୍ରୀ ସୁଶାନ୍ତ ରାଉତ.ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ କର୍ପୋରେଟର ମାନେ ଉପସ୍ଥିତଥିଲେ

## ବସନ୍ତ ବାବୁ କଟକବାସୀଙ୍କ ପାଇଁ ଦ୍ୱିତୀୟ ବାଇମୁଣ୍ଡି

**ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ):** ପୂର୍ବତନ ଉପମୁଖ୍ୟମନ୍ତ୍ରୀ, କର୍ମବୀର ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ୨୧ତମ ଶ୍ରାଦ୍ଧ ଦିବସ, ବସନ୍ତ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଶନିବାର ପୂର୍ବାହ୍ନରେ ଶ୍ରୀଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନଠାରେ ପାଳିତ ହୋଇଯାଇଛି।

### ୨୧ତମ ଶ୍ରାଦ୍ଧ ଦିବସ ପାଳିତ




କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର କହିଲେ ଯେ, ବସନ୍ତ ବାବୁ ଜଣେ କାମ କରିବାର ମଣିଷ ଥିଲେ। ନୂତନ ବିଡ଼ାନାସୀ କଟକ ଭଳି ଏକ ନୂତନ କଟକ ସହର ସୃଷ୍ଟି କରିବାରେ ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କର ପ୍ରମୁଖ ଭୂମିକା ଥିଲା। ପ୍ରକୃତରେ କଟକବାସୀଙ୍କ ପାଇଁ ବସନ୍ତ ବାବୁ ଦ୍ୱିତୀୟ ବାଇମୁଣ୍ଡି ଥିଲେ।

ସ୍ମୃତି କମିଟିର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶ୍ରାଦ୍ଧ ସଭାରେ ଶ୍ରଦ୍ଧାଞ୍ଜଳି ଜଣାଇ ବିଶିଷ୍ଟ ଡାକ୍ତର ବିଭୂତି ଭୂଷଣ ଜେନା କହିଲେ ଯେ, ସ୍ୱର୍ଗତ ବିଶ୍ୱାଳଙ୍କ ମନ୍ତ୍ରୀତ୍ୱ ସମୟରେ ଗମନା ଗମନର ସୁବିଧା ଓ ନବୀବନ୍ଧ ସଂଯୋଗ କ୍ଷେତ୍ରରେ ତଥା ପୋଲ ନିର୍ମାଣରେ ଇତିହାସ ସୃଷ୍ଟି ହୋଇଥିଲା। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ କରିବାରେ ସେ ଜଣେ ଦକ୍ଷ ମଣିଷ ଥିଲେ। ଏହି ଅବସରରେ ସ୍ୱର୍ଗତ ବିଶ୍ୱାଳ ଓ ସ୍ମୃତି କମିଟିର ପୂର୍ବତନ ସଭାପତି ହରିହର କରଣ ଓ ଗୁରୁପଦ ନନ୍ଦଙ୍କ ପାଇଁ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଜେଡ଼ି ନେତା ନାରାୟଣ ପ୍ରସାଦ ଜେନା ସ୍ୱାଗତ ଭାଷଣ ଓ କମିଟିର ଆବାହକ ସୁଜିତ ଘୋଷ ଦସ୍ତିଦାର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଠା ଜଳସେଚନ ନିଗମର ପୂର୍ବତନ ଅଧ୍ୟକ୍ଷ ରାଜନ ସାହୁ, ଗାଡ଼କଣ ଗାଁ ମୁରବୀ ରସାନନ୍ଦ ସାହୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜନ୍ମେଞ୍ଜୟ ନାୟକ ଓ ନଳିନୀକାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ପୋଷଣ ମାହରେ ୧.୩୭ କୋଟି କାର୍ଯ୍ୟକ୍ରମ ରିପୋର୍ଟ

**ନୂଆଦିଲ୍ଲୀ, ୭।୯ (ସଂଚାର ବ୍ୟୁରୋ):** ଅଗଷ୍ଟ ୩୧, ୨୦୨୪ରେ ଗୁଜରାଟର ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରରେ ଆରମ୍ଭ ହୋଇଥିବା ସପ୍ତମ ରାଷ୍ଟ୍ରୀୟ ପୋଷଣ ମାହରେ ଉନ୍ନତ ଶାସନ ପାଇଁ ଟେକ୍ନୋଲୋଜି ସହିତ ରକ୍ତ ହୀନତା, ଅଭିବୃଦ୍ଧି ତଦାରଖ, ପରିପୂରକ ଆହାର ଏବଂ ପୋଷଣ ଭି, ପଢ଼ାଇ ଭି' ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଗୁରୁତ୍ୱ ଦିଆଯାଇଛି । ଏହି ଅଭିଯାନ ଏକ ପେଡ୍ ମା କେ ନାମ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ନିରନ୍ତରତା ଉପରେ ଗୁରୁତ୍ୱାରୋପ କରେ , ଯେଉଁଥିରେ ସମସ୍ତ କାର୍ଯ୍ୟକ୍ଷମ ୧୩.୯୫ ଲକ୍ଷ ଅଙ୍ଗନୱାଡି କେନ୍ଦ୍ରରେ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରାଯାଏ ।

ଦେଶବ୍ୟାପୀ ଏହି ଉତ୍ସବର ଷଷ୍ଠ ଦିନ ସୁଦ୍ଧା ୩୫ ଟି ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ୭୫୨ଟି ଜିଲ୍ଲାରୁ ୧.୩୭ କୋଟି କାର୍ଯ୍ୟକ୍ରମ ରିପୋର୍ଟ କରାଯାଇଛି । ବିହାର, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ, ଗୁଜରାଟ, ଆନ୍ଧ୍ରପ୍ରଦେଶ ଏବଂ ଉତ୍ତର ପ୍ରଦେଶ ଏ ପର୍ଯ୍ୟନ୍ତ ସର୍ବାଧିକ ଯୋଗଦାନକାରୀ ରାଜ୍ୟ ମଧ୍ୟରେ ରହିଛନ୍ତି ।

ମୁଖ୍ୟ ବିଷୟ ଦୃଷ୍ଟିରୁ, ବର୍ତ୍ତମାନ ସୁଦ୍ଧା ରକ୍ତହୀନତା ଉପରେ ୩୯ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ, ଅଭିବୃଦ୍ଧି ନିରୀକ୍ଷଣ ଉପରେ ୨୭ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ, ପରିପୂରକ ଆହାର ଉପରେ ପାଖାପାଖି ୨୦ ଲକ୍ଷ କାର୍ଯ୍ୟକ୍ରମ, ପୋଷଣ ଭି ପଢ଼ାଇ ଭି' ରେ ୧୮.୫




ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ ଏବଂ ଏକ ପେଡ୍ ମା କେ ନାମ ମାଧ୍ୟମରେ ପରିବେଶ ନିରନ୍ତରତା ଉପରେ ୮ ଲକ୍ଷ କାର୍ଯ୍ୟକ୍ରମ କରାଯାଇଛି । ଟେକ୍ନୋଲୋଜି ଫର ବେଟର ଗଭର୍ଣ୍ଣାନ୍ସ (ଉନ୍ନତ ଶାସନ ପାଇଁ ପ୍ରଯୁକ୍ତି) ନାମକ ଏକ ପ୍ରମୁଖ ଫୋକସ୍ କ୍ଷେତ୍ର ଡବ୍ଲ୍ୟୁସିଡିର ମନୋନୀତ କର୍ମକର୍ତ୍ତାମାନଙ୍କୁ ୧୦ ଲକ୍ଷରୁ ଅଧିକ କାର୍ଯ୍ୟକଳାପ ଚିହ୍ନିତ କରିବାକୁ ଉତ୍ସାହିତ କରିଛି ଯାହାର ଉଦ୍ଦେଶ୍ୟ ଆଇସିଟି ଆପ୍ଲିକେସନ୍ ପୋଷଣ ଟ୍ରାକର ସହିତ ଜଡିତ ପୋଷଣ ସୂଚକାଙ୍କ ଏବଂ କାର୍ଯ୍ୟକ୍ରମଗତ କ୍ଷେତ୍ର ଗୁଡ଼ିକର ପ୍ରଭାବଶାଳୀ ରୂପାୟନ ଏବଂ ତଦାରଖରେ ସାହାଯ୍ୟ କରିବା ।

୨୦୧୮ ମସିହାରେ ଦେଶର ପ୍ରଥମ ପୋଷଣ କେନ୍ଦ୍ରିତ ଜନ ଆନ୍ଦୋଳନ ଆରମ୍ଭ ହେବା ପରଠାରୁ ମନ୍ତ୍ରଣାଳୟ / ବିଭାଗ ଗୁଡ଼ିକ ସହିତ ସମନ୍ୱୟ ସର୍ବଦା ଜନ ଆନ୍ଦୋଳନର ମୂଳ ଆଧାର ରହି ଆସିଛି । ସମନ୍ୱୟ ବିଭିନ୍ନ ଦର୍ଶକଙ୍କ ନିକଟରେ ବିଶେଷ କରି ତୃଣମୂଳ ସ୍ତରରେ ପହଞ୍ଚିବାରେ ସହାୟକ ହୋଇଥାଏ। ବର୍ତ୍ତମାନ ସୁଦ୍ଧା, ଚଳିତ ପୋଷଣ ମାହରେ ଶୀର୍ଷ ଯୋଗଦାନକାରୀ ମନ୍ତ୍ରଣାଳୟଗୁଡ଼ିକ ହେଉଛନ୍ତି , ୧.୩୮ ଲକ୍ଷ କାର୍ଯ୍ୟକଳାପ ସହିତ ଶିକ୍ଷା ମନ୍ତ୍ରଣାଳୟ (ଏମଓଇ), ୧.୧୭ ଲକ୍ଷ କାର୍ଯ୍ୟକଳାପ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ (ଏମ୍‌ଓଏଚ୍ ଆଣ୍ଡ ଏଫ୍‌ଡବ୍ଲ୍ୟୁ), ୧.୦୭ ଲକ୍ଷ କାର୍ଯ୍ୟକଳାପ ସହିତ ଗ୍ରାମୀଣ ଉନ୍ନୟନ ମନ୍ତ୍ରଣାଳୟ (ଏମଓଆରଡି), ୬୯ ହଜାର କାର୍ଯ୍ୟକଳାପ ସହିତ ଆୟୁଷ ମନ୍ତ୍ରଣାଳୟ ଏବଂ ୬୪ ଲକ୍ଷ କାର୍ଯ୍ୟକଳାପ ସହିତ ପଞ୍ଚାୟତିରାଜ ମନ୍ତ୍ରଣାଳୟ (ଏମଓପିଆର) ପୋଷଣ ମାହ ୨୦୨୪ର ଗୋଟିଏ କିମ୍ବା ଅନ୍ୟ ବିଷୟବସ୍ତୁକୁ ସମର୍ଥନ କରି କାର୍ଯ୍ୟ କରୁଛନ୍ତି ।

## ସୁଶାନ୍ତ ପାଣି ପାଇଲେ ମର୍ଯ୍ୟାଦାଜନକ 'ଗୁରୁ ସମ୍ମାନ -୨୦୨୪'



**ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ):** ଓଡ଼ିଶୀ ସଙ୍ଗୀତ ଶିକ୍ଷାଦାନ ଓ ପ୍ରଚାର-ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୁରୁଶ୍ରୀ ସୁଶାନ୍ତ କୁମାର ପାଣି ମର୍ଯ୍ୟାଦାଜନକ 'ଗୁରୁ ସମ୍ମାନ -୨୦୨୪' ଲାଭ କରିଛନ୍ତି। 'ପ୍ରୟାସ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଗୁରୁ-ଶିଷ୍ୟ ପରମ୍ପରା କାର୍ଯ୍ୟକ୍ରମରେ ରାଜନେତା-କବି ପ୍ରସନ୍ନ ପାଟଶାଣୀ, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟ ପଟ୍ଟୟସୀ କୁଙ୍କୁମ୍ ମହାନ୍ତି, ଶାସ୍ତ୍ରୀୟସଙ୍ଗୀତ ଗୁରୁ ଦେବେନ୍ଦ୍ର ଶତପଥୀ ଏବଂ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ଗହଣରେ ଗୁରୁଶ୍ରୀ ପାଣିଙ୍କୁ ଏହି ସମ୍ବର୍ଦ୍ଧନା ଅର୍ପଣ କରାଯାଇଛି। କଳା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁରୁଶ୍ରୀ ପାଣି ଉଭୟ ହରିୟାନା ତଥା ଓଡ଼ିଶା ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ। ଏହା ସହିତ ରାଜ୍ୟସ୍ତରୀୟ 'ଶ୍ରୁତି' କଳା-ସଂସ୍କୃତି ସମ୍ମାନ, ଭାରତୀ ଯୁବ ସମ୍ମାନ, ବଳଦେବଶ୍ରୀ ସମ୍ମାନ, ପୃଥ୍ୱୀଦେବୀ ସମ୍ମାନ, ସୁଲେଖା ସଂସ୍କୃତି ସମ୍ମାନ, ଗ୍ରନ୍ଥସାରଥି ସମ୍ମାନ, ଭଜନ ସମ୍ରାଟ ଭିକାରୀବଳ ସମ୍ମାନ ଭଳି ଶତାଧିକ ସମ୍ମାନ ଓ ସମ୍ବର୍ଦ୍ଧନାରେ ଅଳଙ୍କୃତ ଗୁରୁଶ୍ରୀ ସୁଶାନ୍ତ କୁମାର ପାଣି।

## ୨୩କୁ କଳା ଦିବସ ରୂପେ ପାଳନ କରିବେ ଶ୍ରମିକ ସଂଗଠନ

**ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡ଼େରେସନ ସମୂହ ପକ୍ଷରୁ ବାରମ୍ବାର ଶ୍ରମ କୋର୍ଡ଼କୁ ବାତିଲ କରିବା ଲାଗି ଦାବି ଜଣାଉଥିଲେ ସୁଧା କେନ୍ଦ୍ର ସରକାର ଶ୍ରମ କୋର୍ଡ଼କୁ ଲାଗୁ ଲାଗି ଉଦ୍ୟମ ଜାରି ରଖିବା ଏକ ନିନ୍ଦନୀୟ ଘଟଣା। ଏଠାରେ ଉଲ୍ଲେଖଥାଉକି ମୋଦୀ ସରକାର ୨୦୨୦ ସେପ୍ଟେମ୍ବର ୨୨ରେ ଶ୍ରମ କୋର୍ଡ଼କୁ ସଂସଦରେ କୌଣସି ଚର୍ଚ୍ଚା ନ କରି କୋର୍ଡ଼ର କିଛି ଅଂଶକୁ ପାସ୍ କରିଥିବାରୁ ତାହାକୁ ନିନ୍ଦା କରିବା ସହିତ ୨୦୨୪ ସେପ୍ଟେମ୍ବର ୨୩ କୁ କଳା ଦିବସ ଭାବେ ପାଳନ କରିବା ଲାଗି ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ମୁଖ୍ୟ କାର୍ଯ୍ୟାଳୟରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଫେଡ଼େରେସନ ସମୂହର ନେତୃବୃନ୍ଦ ଆଲୋଚନା କରି ନିଷ୍ପତି ନେଇଛନ୍ତି। ଏହି କଳାଦିବସକୁ ଓଡ଼ିଶାରେ ବିଭିନ୍ନ ଜିଲ୍ଲା ଓ ସଦର ମହକୁମାରେ ଶ୍ରମିକମାନେ ଏକତ୍ରିତ ହୋଇ ବିରୋଧ କରିବା ସହିତ ଭୁବନେଶ୍ୱର ରାଜ୍ୟ ରାଜଧାନୀରେ ପାଳନ କରାଯିବ।

## ହାକରୱାର ୫.୦ରେ ୯୫ ଟିମ୍‌ଙ୍କ ଯୋଗଦାନ



**ଭୁବନେଶ୍ୱର, ୭।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ରେ ନିକଟରେ ଆୟୋଜିତ ୨୪ ଘଣ୍ଟିଆ ହାକରୱାର ୫.୦ରେ ଶିକ୍ଷାନୁଷ୍ଠାନର ୫୮୦ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ୯୫ଟି ଟିମ୍ ଭର୍ଚୁଆଲି ସାମିଲ ହୋଇଥିଲେ। ଭବିଷ୍ୟତର ବୈଷୟିକ ଜ୍ଞାନ ସମ୍ପନ୍ନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଉଦ୍ଭାବନ ଓ ସମସ୍ୟା ସମାଧାନ କରିବାର ଦକ୍ଷତାକୁ ବୃଦ୍ଧି କରିବା ଲକ୍ଷ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ। କମ୍ପ୍ୟୁଟର ସାଇନସ୍ ଆଣ୍ଡ ଇଞ୍ଜିନିୟରିଂ(ସିଏସ୍‌ଇ) ବିଭାଗ ଦ୍ୱାରା ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ରେ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ଶିକ୍ଷାନୁଷ୍ଠାନର କୋଡେକ୍ସ କ୍ଲବ୍, ସେଣ୍ଟର ଫର ଇନୋଭେସନ୍ ଆଣ୍ଡ ଇନ୍‌କ୍ୟୁବେସନ୍ (ସୋଆ ସିଆଇଆଇ) ଏବଂ ଅଟଳ ଇନୋଭେସନ୍ ସେଣ୍ଟର - ସୋଆ ଫାଉଣ୍ଡେସନ୍ (ଏଆଇସି ସୋଆ) ସହଯୋଗ କରିଥିଲେ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗବେଷଣାର ମନୋଭାବ ଓ ଅଭିନବ ଢଙ୍ଗରେ ସମସ୍ୟା ସମାଧାନ କରିବାର ଦକ୍ଷତା ବୃଦ୍ଧି କରିବା ହିଁ ଏହି ହାକରୱାର ୫.୦ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସିଏସ୍‌ଇ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର କହିଛନ୍ତି। ଶ୍ରେଷ୍ଠ ତିନିଜଣ ବିଜେତା ଟିମ୍‌ଙ୍କ ସମେତ ସାତଟି ଅତିରକ୍ତ ଟିମ୍‌କୁ ମଧ୍ୟ ଜୁରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୩୦ଟି ଟିମ୍‌କୁ ଶିକ୍ଷାନୁଷ୍ଠାନ ତରଫରୁ ଅନ୍ତିମ ଏସ୍‌ଆଇଏଚ୍ - ୨୦୨୪ରେ ଭାଗ ନେବା ପାଇଁ ମନୋନୀତ କରାଯିବ ବୋଲି ସେ କହିଛନ୍ତି। ପ୍ରଫେସର ମିଶ୍ର ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଂଜନ ନାୟକ, କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକଙ୍କୁ ଏହି କ୍ଷେତ୍ରରେ ଯୋଗାଇଥିବା ଦିଗ୍‌ଦର୍ଶନ ଓ ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଇଥିଲେ।

## ଅପରେସନ ଲୋଟସ: ଏବେ କାହା ପାଳି ?

**ଭୁବନେଶ୍ୱର, ୭।୯(ତଥ୍ୟ):** ଓଡିଶାରେ ଚାଲିଥିବା 'ଅପରେସନ ଲୋଟୋସ' ଅଭିଯାନରେ ବର୍ତ୍ତମାନ ସୁଦ୍ଧା ବିଜେଡିର ଦୁଇଜଣ ରାଜ୍ୟସଭା ସାଂସଦ ବିଜେପି ଖୁଆଡକୁ ଯାଇଥିବାବେଳେ ଏହାପରେ ପୁଣି କାହା ପାଳି ସେଥିଘେନି ସାଧାରଣ ଲୋକେ ଚର୍ଚ୍ଚା କରୁଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ଗତ ନିର୍ବାଚନରେ ବିଜେପି ଏକକ ସଂଖ୍ୟା ଗରିଷ୍ଠତା ହାସଲକରି ରାଜ୍ୟରେ ସରକାର ଗଠନ କରିଥିବାବେଳେ ଲୋକସଭାର ୨୧ଟି ଆସନ ମଧ୍ୟରୁ ୨୦ଟି ପୋଛି ନେଇ ବିଜେପି ଖାତା ଖାଲିକରି ଦେଇଛି। ଏହାପରେ କେତେକ ପୌର ଓ ପଞ୍ଚାୟତିରାଜ ସଂସ୍ଥା ଦଖଲ ପାଇଁ ଉଦ୍ୟମ ଚାଲିଥିବାବେଳେ କେବଳ କଳାହାଣ୍ଡିରେ ବିଜେଡି ବେଦଖଲ ହୋଇଥିବାବେଳେ ଅବିଭକ୍ତ ଫୁଲବାଣୀ ଜିଲ୍ଲାରେ ବିଜେପିକୁ ଝଟକା ଲାଗିଛି। ପୁରୀ ଜିଲ୍ଲାର ନିମାପଡା ଏନଏସିକୁ କବଜା କରିବାପାଇଁ ବିଜେପି ପକ୍ଷରୁ ଯେଉଁ ଉଦ୍ୟମ ହୋଇଥିଲା ତାହା ଅକସ୍ମାତ ବିଫଳ ହୋଇଥିବାବେଳେ ଆଉ କେତେଗୁଡିଏ ପଞ୍ଚାୟତ ଓ ପୌରସଂସ୍ଥା ଉପରେ ଏବେ ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ ନଜର।

ବିଜେଡି ସହଯୋଗରେ ବିଜେପି ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବ ଦୁଇ ଦୁଇଥର ରାଜ୍ୟସଭାକୁ ନିର୍ବାଚିତ ହୋଇ କେନ୍ଦ୍ରମନ୍ତ୍ରୀ ହୋଇଛନ୍ତି। ରାଜ୍ୟସଭାରେ ବିଜେଡିର ନଅ ଓ ବିଜେପିର ଜଣେ ମାତ୍ର ସାଂସଦ ଥିଲେ। ମମତା ମହାନ୍ତ ଓ ସୁଜିତ କୁମାର ବିଜେଡିରୁ ଇସ୍ତଫା ଦେବାପରେ ଦଳର ସଂଖ୍ୟା ୭କୁ ହ୍ରାସ ପାଇଛି। ଅନ୍ୟ ପକ୍ଷରେ ମମତା ମହାନ୍ତ ବିଜେପି ପ୍ରାର୍ଥୀଭାବେ ପୁର୍ନବାର ନିର୍ବାଚିତ ହେବା ଫଳରେ ରାଜ୍ୟସଭାରେ ବିଜେପିର ଆସନ ସଂଖ୍ୟା ୨କୁ ବଢ଼ିଥିଲା। ଏବେ ସୁଜିତ କୁମାରଙ୍କ ଇସ୍ତଫା ଜନିତ କାରଣରୁ ଖାଲି ହୋଇଥିବା ଆସନ ସଂଖ୍ୟା ଦୃଷ୍ଟିରୁ ବିଜେପି ଦଖଲ କରିବାର ଢେର ସମ୍ଭାବନା ଥିବାରୁ ରାଜ୍ୟସଭାରେ ଓଡିଶା ବିଜେପିର ସଂଖ୍ୟା ୩କୁ ବୃଦ୍ଧି ପାଇପାରେ।

ମମତା ମହାନ୍ତଙ୍କୁ ପୁର୍ନବାର ରାଜ୍ୟସଭା ପ୍ରାର୍ଥୀ କରି ବିଜେପି ସଙ୍କେତ ଦେଇଛି ଯେ ବିଜେଡି ଛାଡି ଆଉ ଯେଉଁ ରାଜ୍ୟସଭା ସାଂସଦ ଆସିବେ ସେମାନଙ୍କୁ ପର୍ଯ୍ୟାୟକ୍ରମେ ପୁଣି ବିଜେପି ଟିକଟରେ ରାଜ୍ୟସଭାକୁ ପଠାଯିବ। ସୁଜିତ କୁମାରଙ୍କ କ୍ଷେତ୍ରରେ ଏହି ନୀତି ଆପଣାଇଲେ ପୁଣି ଦଳ ନୂଆ ଶିକାର କରିପାରେ ବୋଲି ଚର୍ଚ୍ଚା ଚାଲିଛି।

ଗତ ବିଧାନସଭା ନିର୍ବାଚନରେ ବିଜେପି ୭୮ଟି ଆସନରେ ଜିଣିଥିବାବେଳେ ଆଉ ତିନି ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ହାସଲ କରି ସଂଖ୍ୟା ୮୧କୁ ବଢ଼ାଇଛି। ଅନ୍ୟ ପକ୍ଷରେ ମୁଖ୍ୟ ବିରୋଧିଦଳ ବିଜେଡିର ବିଧାନସଭାରେ ୫୧ଜଣ ସଦସ୍ୟ ଅଛନ୍ତି। ଦଳ ବଦଳ ନିରୋଧ ଆଇନ୍ ଯୋଗୁଁ ବିଜେଡି ବିଧାୟକଦଳକୁ ଭାଙ୍ଗିବା ବିଜେପି ପକ୍ଷରେ ଏତେଟା ସହଜ ନୁହେଁ। ଅତୀତରେ ମଧ୍ୟପ୍ରଦେଶରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ସହ କିଛି କଂଗ୍ରେସ ବିଧାୟକ ବିଧାନସଭାରୁ ଇସ୍ତଫା ଦେଇ ବିଜେପିରେ ମିଶିଥିଲେ ଏବଂ ପରବର୍ତ୍ତୀ ଉପନିର୍ବାଚନରେ ଫଳ ଯାହା ହେଲା ତାହା ସମସ୍ତଙ୍କୁ ଜଣା।

ଏ ପରିପ୍ରେକ୍ଷୀରେ ବିଜେଡି କିମ୍ବା କଂଗ୍ରେସର କୌଣସି ବିଧାୟକ ବିଧାନସଭାରୁ ଇସ୍ତଫା ଦେଇ ବିଜେପିରେ ମିଶି ପୁଣି ଉପନିର୍ବାଚନ ଲଢ଼ି ଜିଣିବା ସହଜ ବ୍ୟାପାର ନୁହେଁ। ତେବେ ଦଳବଦଳ ନିରୋଧ ଆଇନ୍‌ରେ ଥିବା ବ୍ୟବସ୍ଥା ମୁତାବକ ନିର୍ଦ୍ଦିଷ୍ଟ ସଂଖ୍ୟକ ବିଧାୟକ ଏକ ଗୋଷ୍ଠି ଗଠନ କରି ଏକକାଳୀନ ବିଜେପିରେ ଯୋଗଦେଲେ ସେମାନଙ୍କ ସଭ୍ୟପଦ ରଦ୍ଦ ହେବା ସମ୍ଭାବନା ନାହିଁ। ତେବେ ମହାରାଷ୍ଟ୍ରରେ ଶିବସେନା ଓ ଏନ୍‌ସିପିର ବିଭାଜନ ପରେ ସଭ୍ୟପଦ ରଦ୍ଦ ପ୍ରସଙ୍ଗକୁ ଘେନି ଯେଉଁ ବିବାଦ ଲାଗି ରହିଛି ତାହାକୁ ଆଖିଆଗରେ ରଖି କେହି ହଠାତ୍ ରିସ୍କ ନେଇ ନପାରନ୍ତି ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତବ୍ୟକ୍ତ କରୁଛନ୍ତି। ଅନ୍ୟପକ୍ଷରେ ତିନି ପ୍ରମୁଖ ରାଜନୈତିକଦଳ ମଧ୍ୟରେ ଅସନ୍ତୋଷ କୁହୁଳୁଥିବାରୁ ଭବିଷ୍ୟତ କ'ଣ ହେବ ତାହା ଅନିଶ୍ଚିତ।

ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱରଙ୍କ ସାନ୍ନିଧ୍ୟ- ଦେଉଥିବା ହାତ ଆଉ ନେଉଥିବା ହାତ ଭିତରେ ଏତିକି ମାତ୍ର ପାର୍ଥକ୍ୟ ଯେ, ଦେଉଥିବା ହାତ ସହଜ ଓ ସୁଗମ ଭାବରେ ଈଶ୍ୱରଙ୍କ ପାଖରେ ପହଞ୍ଚି ପାରୁଥିବା ବେଳେ ନେଉଥିବା ହାତ ଈଶ୍ୱରଙ୍କ ସାନ୍ନିଧ୍ୟ ପାଇବାରୁ ବଞ୍ଚିତ ହୁଏ।

SANCHAR
ସଂଚାର



# ନୀତିଶଙ୍କ ସ୍ୱୀକାରୋକ୍ତି

ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତିଶ କୁମାର ସ୍ୱୀକାର କରିଛନ୍ତି ଯେ, ଅତୀତରେ ଏନଡିଏ ଛାଡ଼ି ଲାଲୁ ପ୍ରସାଦ ଯାଦବଙ୍କ ଆରଜେଡି ସହ ହାତ ମିଳାଇବା ତାଙ୍କର ଭୁଲ ଥିଲା। ଆଉ ସେ ଏହାର ପୁନରାବୃତ୍ତି କରିବେ ନାହିଁ ବୋଲି କହିଛନ୍ତି। ବିଜେପି ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡାଙ୍କ ଉପସ୍ଥିତିରେ ଏକ ସଭାରେ ସେ ଏହା କହିଛନ୍ତି। ତେବେ ନୀତିଶଙ୍କ ଏହି ବକ୍ତବ୍ୟ କେତେଦୂର ବିଶ୍ୱାସଯୋଗ୍ୟ ତାହା କହିବା କଷ୍ଟକର। କାରଣ ଅତୀତରେ ସେ ଅନେକ ଥର ବିନା କାରଣରେ ଏନଡିଏ ଛାଡ଼ି ବିରୋଧୀ ମେଣ୍ଟରେ ସାମିଲ ହୋଇଛନ୍ତି। ପୁଣି ସେ ପରିସ୍ଥିତିରେ ପଡ଼ି ଏନଡିଏକୁ ଫେରିଛନ୍ତି। ଏହା ତାଙ୍କ ଭାବମୂର୍ତ୍ତୀକୁ ହାନୀ କରିଛି। ତାଙ୍କ ଭଳି ଜଣେ ଲୋକପ୍ରିୟ ଏବଂ ଅଭିଜ୍ଞ ନେତାଠାରୁ ବାରମ୍ବାର ଏପରି ରଙ୍ଗ ବଦଳାଇବା ଆଶା କରାଯାଏନି। 2014ରେ ଯେତେବେଳେ ବିଜେପି ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କଲା, ସେତେବେଳେ ନୀତିଶ ଏହାକୁ ବିରୋଧ କରି ଏନଡିଏରୁ ଓହରି ଯାଇଥିଲେ। କାରଣ ସେ ମୋଦିଙ୍କୁ ଜଣେ ସାମ୍ପ୍ରଦାୟିକ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ବୋଲି ଚିନ୍ତା କରୁଥିଲେ। କାଳେ ବିହାରର ସଂଖ୍ୟାଲଘୁ ଭୋଟରମାନେ ତାଙ୍କୁ ଭୋଟ ଦେବେନି ସେହି ଭୟରେ ସେ ଏନଡିଏରୁ ଇସ୍ତଫା ଦେଲେ। କିନ୍ତୁ ଏହା ତାଙ୍କର ଭୁଲ ନିଷ୍ପତ୍ତି ଥିଲା। ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଏବଂ ନେତୃତ୍ୱର ଦକ୍ଷତା ସମ୍ପର୍କରେ ସେ ଆକଳନ କରିପାରିନଥିଲେ। ଦେଶବାସୀ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିଲେ ଏହା ସେ ବୁଝିପାରିଲେ ନାହିଁ। ଏନଡିଏରୁ ଓହରିଯିବା ପରେ ନୀତିଶ 2014 ଲୋକସଭା ନିର୍ବାଚନରେ ଚରମ ବିପର୍ଯ୍ୟୟର ସମ୍ମୁଖୀନ ହେଲେ। ବିଜେପି ବିହାରରେ ନୀତିଶଙ୍କ ସମର୍ଥନ ବା ସହାୟତା ବିନା ସଫଳ ହେଲା। ବାଧ୍ୟ ହୋଇ ନୈତିକତାର ନାମ ନେଇ ନୀତିଶ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଏବଂ ଜିତନ ରାମ ମାଂଝୀ ହେଲେ ବିହାର ମୁଖ୍ୟମନ୍ତ୍ରୀ। କିନ୍ତୁ ଅଳ୍ପ ଦିନ ପରେ ସେ ଜିତନ ରାମଙ୍କୁ ବିଦା କରି ପୁଣି ମୁଖ୍ୟମନ୍ତ୍ରୀ ହେଲେ। ବିହାର ବିଧାନସଭା ନିର୍ବାଚନରେ ଲାଲୁଙ୍କ ଆରଜେଡି ସହ ହାତ ମିଳାଇ ସେ ବିପୁଳ ବିଜୟ ହାସଲ କରିବା ସହ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିଲେ। ଲାଲୁଙ୍କ ପୁଅ ତେଜସ୍ୱୀ ଯାଦବ ହେଲେ ଉପ-ମୁଖ୍ୟମନ୍ତ୍ରୀ। ଯେଉଁ କଂଗ୍ରେସ ବିରୋଧରେ ସେ ଜୀବନ ସାରା ଲଢ଼ିଥିଲେ, ଯେଉଁ ଲାଲୁ ପ୍ରସାଦ ଯାଦବଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ କରି ନୀତିଶ ଜନତା ଦଳ ଛାଡ଼ିଥିଲେ, ସେହି କଂଗ୍ରେସ ଓ ଲାଲୁଙ୍କ ଆରଜେଡି ସହ ସେ କ୍ଷମତା ପାଇଁ ହାତ ମିଳାଇଲେ। ଏହା ଥିଲା ତାଙ୍କ ଅନୈତିକ ରାଜନୀତିର ପ୍ରଥମ ପର୍ବ। ଆରଜେଡି ସହ ତାଙ୍କ ମଧୁଚନ୍ଦ୍ରିକା ବେଶୀ ଦିନ ତିଷ୍ଠିଲା ନାହିଁ। ତେଜସ୍ୱୀ ଯାଦବଙ୍କ ଦୁର୍ନୀତି ଏବଂ ମନମାନିରେ ଅତିଷ୍ଠ ହୋଇ ସେ ମେଣ୍ଟରୁ ଓହରିଯାଇ ପୁଣି ଏନଡିଏରେ ସାମିଲ ହେଲେ। ପରବର୍ତ୍ତୀ ବିଧାନସଭା ନିର୍ବାଚନରେ ବିଜେପି ସହ ଆସନ ବୁଝାମଣା କଲେ। ସଫଳ ବି ହେଲେ। କିନ୍ତୁ ସଂଖ୍ୟା କମିଗଲା। ଚିରାଗ ପାଶ୍ୱାନଙ୍କ ବିରୋଧ ଫଳରେ ଜେଡିୟୁ ଅତି କମରେ 20ଟି ସ୍ଥାନରେ ଅଳ୍ପ ଭୋଟ ବ୍ୟବଧାନରେ ପରାଜିତ ହେଲା। ତେଣୁ କ୍ଷମତା ପାଇଁ ତାଙ୍କୁ ବିଜେପି ଉପରେ ନିର୍ଭର କରିବାକୁ ପଡ଼ିଲା। କିଛି ଦିନ ସବୁ ଠିକଠାକ ଚାଲିଲା। ପୁଣି ତାଙ୍କୁ ଅବିଶ୍ୱାସର ରୋଗ ହେଲା। ବିଜେପି ତାଙ୍କୁ ଅଖିବୁଜି ସମର୍ଥନ ଦେଇଥିବା ବେଳେ ନୀତିଶ ଏହାକୁ ଭରସା ନକରି ଏନଡିଏ ଛାଡ଼ିଲେ ଏବଂ ଆରଜେଡି/କଂଗ୍ରେସ ମେଣ୍ଟ ସହ ହାତ ମିଳାଇଲେ। ଏଥର ବି ତାଙ୍କ ପରୀକ୍ଷଣ ଦୀର୍ଘସ୍ଥାୟୀ ହେଲା ନାହିଁ। ମାତ୍ର କିଛି ମାସ ଭିତରେ ଏହା ତୁଟିଗଲା। 2024 ଲୋକସଭା ନିର୍ବାଚନ ପୂର୍ବରୁ ନୀତିଶ ପୁଣି ଏନଡିଏକୁ ଫେରିଆସିଲେ। ଆଉ ଏନଡିଏରୁ ଯିବେ ନାହିଁ ବୋଲି ନୀତିଶ କହୁଛନ୍ତି। କିନ୍ତୁ ତାଙ୍କୁ ଭରସା ନାହିଁ। ନବେ ଦଶକରେ ଯେତେବେଳେ ଜାତୀୟ ସ୍ତରରେ କଂଗ୍ରେସକୁ କ୍ଷମତାଚ୍ୟୁତ କରିବା ନିମନ୍ତେ ବିଜେପି ନେତୃତ୍ୱରେ ଏନଡିଏ ଗଠିତ ହେଲା ସେତେବେଳେ ବିଜେପି ସହ ତିନିଟି ଦଳ ରହିଥିଲେ। ସେହି ତିନିଟି ଦଳ ହେଲା ପ୍ରକାଶ ସିଂହ ବାଦଲଙ୍କ ଅକାଳି ଦଳ, ବାଲ ଥାକରେଙ୍କ ଶିବସେନା ଏବଂ ଜର୍ଜ ଫର୍ଣ୍ଣାଣ୍ଡିଜ ଓ ନୀତିଶ କୁମାରଙ୍କ ନେତୃତ୍ୱାଧିନ ସମତା ପାର୍ଟୀ। ସମତା ପାର୍ଟୀ ପରବର୍ତ୍ତୀ ସମୟରେ ସଂଯୁକ୍ତ ଜନତା ଦଳ ବା ଜେଡିୟୁରେ ପରିଣତ ହୋଇଛି। ନୀତିଶଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଛି ସତୁରୀ ଦଶକରେ ଜେପିଙ୍କ ସମ୍ପୂର୍ଣ୍ଣ କ୍ରାନ୍ତ ଆନ୍ଦୋଳନରୁ। ଅଣକଂଗ୍ରେସ ରାଜନୀତିରେ ସେ ଥିଲେ ବିହାରର ଜଣେ ଆଗଧାଡ଼ିର ନେତା। କର୍ପୁରୀ ଠାକୁରଙ୍କ ପରେ ଲାଲୁ ହୋଇଥିଲେ ବିହାରରେ ଅଣକଂଗ୍ରେସ ଶକ୍ତିର ନେତା। କିନ୍ତୁ ଲାଲୁଙ୍କ ଦୁର୍ନୀତିକୁ ବିରୋଧ କରି ନୀତିଶ ମୂଳ ଜନତା ଦଳରୁ ବାହାରି ସମାଜବାଦୀ ଚିନ୍ତାଧାରାରେ ଗଠିତ ସମତା ପାର୍ଟୀରେ ସାମିଲ ହେଲେ। ତାଙ୍କ ରାଜନୈତିକ ଜୀବନର ଭିତ୍ତି ପଡ଼ିଛି ଅଣକଂଗ୍ରେସ ରାଜନୀତିରୁ। ଏଥିରେ ସେ ବାରମ୍ବାର ସାଲିସ କରିଛନ୍ତି, ପୁଣି ବିଫଳ ହୋଇ ଫେରିଆସିଛନ୍ତି। କାରଣ ସେ ବିନା ମେଣ୍ଟରେ କ୍ଷମତା ବଜାୟ ରଖିପାରିବେ ନାହିଁ, ଏଥିଲାଗି ବାରମ୍ବାର ବିଜେପି ଛାଡ଼ି ଆରଜେଡି ଏବଂ ପୁଣି ଆରଜେଡି ଛାଡ଼ି ବିଜେପିର ହାତ ଧରୁଛନ୍ତି। ତାଙ୍କ ନୀତି ଓ ନୈତିକତାରେ କିଛି ସ୍ଥିରତା ବା ଭରସା ରହୁନି। ନିଜ ରାଜନୈତିକ ଜୀବନର ସାୟାହ୍ନରେ ପହଂଚିଥିବା ନୀତିଶ ଯଦି ନିଜ ନୀତି ଏବଂ ଲକ୍ଷ୍ୟ ସ୍ଥିର ରଖିଥାଆନ୍ତେ ତେବେ ଆଜି ସେ ଦେଶର ପ୍ରଧାନମନ୍ତ୍ରୀ ପଦ ଲାଗି ଦାବିଦାର ହୋଇପାରିଥାଆନ୍ତେ। ଯଦି ସେ ଜନତା ପରିବାରକୁ ଏକାଠି କରି ପାରିଥାଆନ୍ତେ ତେବେ ସେ ଆଜି ଦେଶର ପ୍ରଧାନମନ୍ତ୍ରୀ ହୋଇଥାଆନ୍ତେ। ଏବେ ଆଉ ତାଙ୍କ ହାତରେ ସେଭଳି ସମୟ ବା ଶକ୍ତି ନାହିଁ ଯାହାକୁ ଆଧାର କରି ସେ ଜନତା ଦଳର ପୁନର୍ଗଠନ କରିପାରିବେ। ଏଥିପାଇଁ ତାଙ୍କ ପଛରେ ଅନେକ ନେତା ଅଛନ୍ତି। କିନ୍ତୁ କଂଗ୍ରେସର ସହଯୋଗ ନେଲେ ସେ ଏଥିରେ ସଫଳ ହୋଇପାରିବେ ନାହିଁ। ବିଜେପି ଓ କଂଗ୍ରେସକୁ କ୍ଷମତା ବାହାରେ ରଖିବାକୁ ହେଲେ ନୀତିଶଙ୍କ ଭଳି ଜଣେ ସମାଜବାଦୀ ଚିନ୍ତାଧାରାର ନେତାଙ୍କ ଆବଶ୍ୟକତା ରହିଛି ଯାହାଙ୍କ ନେତୃତ୍ୱରେ ଅନେକ ଦଳ ଏକାଠି ହୋଇପାରିବେ। ଆରଜେଡିଏ ବିଜେଡି, ଜେଡିଏସ, ଜେଡିୟୁ, ସମାଜବାଦୀ ପାର୍ଟୀ, ଆରଏଲଡି, ଆଇଏନଏଲଡି, ଏନସିପି, ଟିଡିପି, ଟିଏମସି , ଡିଏମକେ, ଅକାଳି ଏବଂ ଆମ ଆଦମୀ ପାର୍ଟୀ ଭଳି ଦଳମାନେ ଯଦି ଏକାଠି ହୋଇ ନବେ ଦଶକର ନ୍ୟାସନାଲ ଫ୍ରଣ୍ଟକୁ ପୁନର୍ଜୀବିତ କରିପାରନ୍ତେ ତେବେ ଏହା ଦେଶରେ ଶାସନ କ୍ଷମତା ସହଜରେ ଦଖଲ କରିପାରନ୍ତା। ଏହାର ନେତୃତ୍ୱ ନେବାକୁ କେବଳ ନୀତିଶ କୁମାର ହିଁ ସମର୍ଥ ଏବଂ ଯୋଗ୍ୟ। ଏଥିପାଇଁ ତାଙ୍କୁ ନିଜ ନୀତି ଓ ନୈତିକତାକୁ ସ୍ଥିର ରଖିବାକୁ ପଡ଼ିବ। କ୍ଷମତା ପାଇଁ ଯା ତା ପାଖରେ ମୁଣ୍ଡ ନୁଆଁଇବା ତାଙ୍କ ଭଳି ନେତାଙ୍କ ପାଖରେ ଶୋଭା ପାଉନି। ଦୀର୍ଘ ବର୍ଷ ଧରି ସେ ବିହାର ମୁଖ୍ୟମନ୍ତ୍ରୀ ପଦରେ ରହିଲେଣି। ଏବେ ସେ କ୍ଷମତା ରାଜନୀତିରୁ ଓହରି ଜାତୀୟ ରାଜନୀତିର ନେତୃତ୍ୱ ନେବା ଉଚିତ। ଦୀର୍ଘ ବର୍ଷ ଧରି ଜଣେ କ୍ଷମତାରେ ରହିବା ଦ୍ୱାରା ତାଙ୍କର ଏବଂ ଦଳର ଭାବମୂର୍ତ୍ତୀ ମଳିନ ପଡ଼ିଥାଏ। ଏବେ ସମୟ ଆସିଛି ନୀତିଶ ନିଜ ଭାବମୁର୍ତ୍ତୀକୁ ସଜାଡ଼ିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଯୋଗ୍ୟ ହିତାଧିକାରୀ ବାଦ ନପଡ଼ନ୍ତୁ

**ମହାଶୟ,**

ସରକାର ରାସନ କାର୍ଡର ନବୀକରଣ ଲାଗି ଇ-କେୱାଇସି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା ସ୍ୱାଗତ ଯୋଗ୍ୟ। ଏହା ଦ୍ୱାରା ଅନେକ ହିତାଧିକାରୀ ତାଲିକାରୁ ବାଦ ପଡ଼ିବେ ଯେଉଁମାନେ ଏଠାରେ ରହୁ ନାହାଁନ୍ତି। ଅନେକ ମରିହଜି ଗଲେଣି। ଅନେକ ଭୁତ ହିତାଧିକାରୀ ଅଛନ୍ତି। ସେମାନଙ୍କୁ ବାଦ ଦେବାକୁ ପଡ଼ିବ। କିନ୍ତୁସମସ୍ୟା ହେଲା ଅନେକ ପରିବାରର ଜଣେ ଦୁଇଜଣ ସଦସ୍ୟ ବାହାରେ ରହୁଛନ୍ତି। ବିଶେଷ କରି ପାଠ ପଢ଼ିବା ପାଇଁ ଯେଉଁ ପିଲା ବାହାରକୁ ଯାଇଛି ଏବଂ ହଷ୍ଟଲରେ ରହୁଛି ତା'ର କିପରି ଇ-କେୱାଇସି ହେବ। ଏହି ସମସ୍ୟାର ସମାଧାନ ଜରୁରୀ। ନଚେତ ଅନେକ ଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ ପଡ଼ିବେ।

**କାଳି ଚରଣ ମହାପାତ୍ର, ୟୁନିଟ-୧, ଭୁବନେଶ୍ୱର**

# ଅଭିବୃଦ୍ଧି ଓ ଦାରିଦ୍ର୍ୟ

**ଶ୍ୟାମଳେନ୍ଦୁ କହଁର**

ପ୍ରତିକୁଳ ପରିସ୍ଥିତି ସତ୍ତ୍ୱେ ଚଳିତ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରରେ ଭାରତର ଅଭିବୃଦ୍ଧି ହାର ବା ଜିଡିପି 6.7 ପ୍ରତିଶତ ରହିଛି। ଆଶା କରାଯାଉଥିଲା ଯେ, ଏହା 7 ପ୍ରତିଶତ ରହିବ। କିନ୍ତୁ ଏପ୍ରିଲରୁ ଜୁନ ମଧ୍ୟରେ ନିର୍ବାଚନ ହେତୁ ସରକାରୀ ବ୍ୟୟ ହ୍ରାସ ପାଇଥିଲା। ତେଣୁ ଏହି ସମୟରେ ଅଭିବୃଦ୍ଧି ହାର କମ ରହିଛି। ଆଶା କରାଯାଉଛି ଆଗାମୀ ଦିନରେ ଏହା ପୁଣି 7 ପ୍ରତିଶତ ଉପରକୁ ଉଠିବ ଏବଂ ପୁରା ଆର୍ଥିକ ବର୍ଷରେ ଜିଡିପି 7ରୁ 7.2 ପ୍ରତିଶତ ରହିବ। ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏହା କହିଛନ୍ତି। ଏହା ଭାରତୀୟ ଭାରତୀୟ ଅର୍ଥନୀତି ପାଇଁ ଏକ ଆଶ୍ୱାସନା। ତେବେ ଅଭିବୃଦ୍ଧି 7 ପ୍ରତିଶତରୁ ଅଧିକ ହେଲେ ମଧ୍ୟ ଦାରୀଦ୍ର୍ୟ ହାର କମିବ ସେଭଳି ଗ୍ୟାରେଣ୍ଟି ନାହିଁ। କାରଣ ଅନେକ ସମୟରେ ଦେଶର ଅଭିବୃଦ୍ଧସିର ପ୍ରଭାବ କେବଳ କିଛି ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଟାଇଥାଏ। ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ପରିସଂଖ୍ୟାନ ଅନୁଯାୟି ଗତ 10 ବର୍ଷ ଭିତରେ ଦେଶର ପାଖାପାଖି 25 କୋଟି ଲୋକ ଦାରୀଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ଆୟୋଗର ସିଇଓ ବି ଭି ସୁବ୍ରମଣ୍ୟମ ଏନଏସଏଓର ରିପୋର୍ଟ ଆଧାରରେ କହିଛନ୍ତି ଯେ, ଦେଶରେ ଦାରୀଦ୍ର୍ୟ ହାର ଜନସଂଖ୍ୟାର 5%ରୁ କମ ରହିଛି। ଗ୍ରମାଞ୍ଚଳରେ ମାସିକ ପରିବାର ପିଛା ହାରାହାରି ବ୍ୟୟ 3774 ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ସହରାଞ୍ଚଳରେ ଏହା ପାଖାପାଖି 7ହଜାର ଟଙ୍କା ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରୀଦ୍ର୍ୟ ଦୁରୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମର ସୁଫଳ ମିଳିଛି ଏବଂ ଦାରିଦ୍ର୍ୟ ହାର କମୁଛି ବୋଲି ସୁବ୍ରମଣ୍ୟମ କହିଛନ୍ତି। ମାଗଣା ରାସନ ବା ଖାଦ୍ୟ ସୁରକ୍ଷା ଯୋଜନା, ସ୍କୁଲ ପିଲାଙ୍କୁ ମାଗଣା ପୋଷାକ ଓ ସାଇକେଲ ଭଳି ଯୋଜନା ଗରିବ ପରିବାର ଉପରେ ଆର୍ଥିକ ଚାପ ହ୍ରାସ କରିଛି ଏବଂ ସେମାନେ କେବଳ ଖାଇବାରେ ଖର୍ଚ୍ଚ ନକରି ଭିନ୍ନ ଲକ୍ଷ୍ୟରେ ଅର୍ଥ ବିନିଯୋଗ କରୁଛନ୍ତି। ଅନେକ ନିଜ ପାଇଁ ଅତିରିକ୍ତ ଆୟର ପନ୍ଥା ମଧ୍ୟ ନିର୍ଦ୍ଧାରଣ କରିଛନ୍ତି। ଏଥିରେ ବଡ଼ ଭୂମିକା ରହିଛି ମନରେଗା ଭଳି ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ୫0 କୋଟି ଲୋକଙ୍କୁ ମାଗଣା ରାସନ। ଦୁଇ ଦଶନ୍ଧି ତଳେ କେବଳ ଓଡ଼ିଶା ନୁହେଁ, ଅନେକ ରାଜ୍ୟରେ ଅନାହାର ମୃତ୍ୟୁ ହେଉଥିଲା। ଏବେ ଅନ୍ତତଃପକ୍ଷେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁନି। ସମସ୍ତଙ୍କୁ ଦୁଇବେଳା ଖାଇବାକୁ ମିଳୁଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଗରୀବ କଲ୍ୟାଣ ଯୋଜନା ଦ୍ୱାରା ଦେଶର ବିକାଶ ହୋଇପାରିବନି। ଦେଶର ଅର୍ଥନୈତିକ ସମୃଦ୍ଧି ମଧ୍ୟ ଆବଶ୍ୟକ। ସୁଖର କଥା, ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ବିବେଚିତ ହେଉଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି 2.7 ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି 6.5 ପ୍ରତିଶତ ରହିପାରେ। ୱାର୍ଲଡ ଇକନମିକ ଫୋରମ ପକ୍ଷରୁ ମଧ୍ୟ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର 3 ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର 6 ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା 6ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ 200 ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଇଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ. ତେବେ ଭାରତ 2029 ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ହୁଏତ ସ୍ୱାଧୀନତାର 100 ବର୍ଷ ପୂର୍ତ୍ତୀ ବେଳେ 2047ରେ ଭାରତ ଚୀନକୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ 7 ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର 7 ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ରଷିଆ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତ ମଧ୍ୟ ଏଥିରେ ଅନେକାଂଶରେ ପ୍ରଭାବିତ ହୋଇଛି। କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁ ବନ୍ଦ ହୋଇଗଲା। କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ। ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ୍ୟ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। 140 କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ। ଏକଥା ସତ୍ୟ ଯେ, ଭାରତର ମୁଣ୍ଡପିଛା ଜିଡିପି ଚୀନ, ବ୍ରିଟେନ ତୁଳନାରେ ଯଥେଷ୍ଟ କମ ରହିଛି। ଭାରତ ତୁଳନାରେ ଚୀନର ମୁଣ୍ଡ ପିଛା ଆୟ 6ଗୁଣ ଅଧିକ ରହିଛି। ଭାରତର ଜନସଂଖ୍ୟା ଅଧିକ ହୋଇଥିବାରୁ ମୁଣ୍ଡପିଛା ଆୟ ବା ଜିଡିପି କମ ରହୁଛି। ଯଦି ଭାରତର ଜନସଂଖ୍ୟା ଆମେରିକା ସହ ସମାନ ହୋଇଥାନ୍ତା ତେବେ ଭାରତ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରଭାବେ ଆଜି ପରିଗଣିତ ହେଉଥାନ୍ତା। 140 କୋଟି ଜନସଂଖ୍ୟା ସତ୍ତ୍ୱେ ଭାରତ କୃଷି ଓ ଶିଳ୍ପ ଉପାଦନରେ ଅନେକାଂଶରେ ଆତ୍ମନିର୍ଭରଶୀଳ ହୋଇ ବିଦେଶକୁ ରପ୍ତାନୀ କରିପାରୁଛି। ଏବେ ଦେଶର ଆର୍ଥିକ ପ୍ରଗତି ନିମନ୍ତେ ପ୍ରାଥମିକ ଆବଶ୍ୟକତା ହେଲା ଜନସଂଖ୍ୟା ନିୟନ୍ତ୍ରଣ। ଏହା ବାଦ ଗରିବ ଓ ନିମ୍ନମଧ୍ୟବିତ୍ତ ବର୍ଗର ଆର୍ଥିକ ପରିସ୍ଥିତିରେ ଉନ୍ନତି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଶିଳ୍ପ ଓ କୃଷି ବିକାଶରେ ଅଧିକ ପୁଞ୍ଜିନିବେଶ ଜରୁରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ନୂଆ ଟେକ୍ନୋଲୋଜିର ଉପଯୋଗ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଟେକ୍ନୋଲୋଜି ହେଉଛି ବିକାଶର ମାଧ୍ୟମ। ଏହା ମାଧ୍ୟମରେ ଶିଳ୍ପ ଓ କୃଷି ବିକାଶ ହୋଇପାରିବ। କୃଷି କ୍ଷେତ୍ରରେ ଏହାର ଉପଯୋଗ ଜରୁରୀ। ଆଜି ଚୀନ ଯଦି ଏକ ସମୃଦ୍ଧ ବା ଉନ୍ନତ ରାଷ୍ଟ୍ରରେ ପରିଣତ ହୋଇଛି ତାହା ସମ୍ଭବ ହୋଇଛି କେବଳ ଟେକ୍ନୋଲୋଜିର ପ୍ରୟୋଗ ଦ୍ୱାରା। ଦାରୀଦ୍ର୍ୟ ଦୂରୀକରଣରେ ମଧ୍ୟ ଏହାର ସଠିକ ଉପଯୋଗ ହେବା ଆବଶ୍ୟକ। କିନ୍ତୁ ଟେକ୍ନୋଲୋଜିର ବିକାଶ ସହିତ କିଛି ମୌଳିକତାକୁ ମଧ୍ୟ ଆମେ ଗୁରୁତ୍ୱ ଦେବା ଉଚିତ।



# ଅନ୍ୟ ପାଇଁ ବଞ୍ଚିବାର ସଂକଳ୍ପ ନେବା



**ଆଶୁତୋଷ ନାୟକ**

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ। ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣିତ ଅଛି ଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶ୍ରେଷ୍ଠ,ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ। ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣିତ ଅଛି,

"କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍।"

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ। ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ। ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ। ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ। ଏହା ଚିରନ୍ତନ ସତ୍ୟ। ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ। ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ୍ୟ ଅତି ସଂକ୍ଷିପ୍ତ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ।କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ।ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା।

ଜିତେନ୍ଦ୍ର ଆୱ୍ହାଧ୍ୟ ଏନସିପି ଦଳର ନେତା ଏବେ ନିକଟରେ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ସେ ହିନ୍ଦୁଙ୍କ ଆରାଧ୍ୟ୍ୟ ଦେବତା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଆମିଷ ଭକ୍ଷଣକାରୀ ବୋଲି ଦର୍ଶାଇଥିଲେ ଯାହାକି ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ କରିଛି। ସେହିପରି କଂଗ୍ରେସ ନେତା ଅଞ୍ଜନେୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କୁ ପ୍ରଭୁ ଶ୍ରୀରାମ ସହ ତୁଳନା କରିଛନ୍ତି ଏହା ଅତ୍ୟନ୍ତ ହୀନ ଏବଂ ଶସ୍ତା ରାଜନୀତି। ସମାଜବାଦୀ ଦଳର ନେତା ସ୍ୱାମୀ ପ୍ରସାଦ ମୌରିୟା ହିନ୍ଦୁ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଆପତ୍ତିଜନକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଏହିପରି ଅନେକ କ୍ଷମତାପିପାସୁ ରାଜନେତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଭିନ୍ନ ଧର୍ମ ବିରୋଧୀ ମନ୍ତବ୍ୟ ଦେବାରେ ପଛଘୁଞ୍ଚା ଦେଉନାହାନ୍ତି। କିଛି ଦିନ ପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ।

କିଛିଦିନ ପୂର୍ବରୁ ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧ ରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ। ଏବଂ ଏହାକୁ ସମ୍ପୂର୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏତାଦୃଶ ଘୃଣା ଏବଂ ହିଂସା ଉଦ୍ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ ନ୍ୟାୟଳୟର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ କଂ ନିକଟକୁ ଚିଠି ଲେଖିଛନ୍ତି। ଚିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ ନ୍ୟାୟଳୟର ପୂର୍ବତନ ବିଚାରପତି ଏସ ଏନ ଧୀଙ୍ଗ୍ରା ଚିଠିରେ ଉଲ୍ଲେଖ କରାଯାଇଛି ଯେ ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ। ସେଥିପାଇଁ ତାଙ୍କ ବିରୋଧ ରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ଏହାଛଡା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି। ସେ ଚିଠିରେ ଆହୁରି ମଧ୍ୟ ଏହା ଉପସ୍ଥାପନ କରାଯାଇଛି କି ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷ ଧାରା ଉପରେ ହସ୍ତକ୍ଷେପ ସଦୃଶ ବୋଲି ଚିଠିରେ ଉପସ୍ଥାପନା କରାଯାଇଛି।

ଉଦୟ ନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱରମିଳାଇ ଡିଏମ୍‌କେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି। ଚେନ୍ନେଇ ର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା।

କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ। ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧ ର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି ସର୍ବପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡନାୟକ ବଡଠାକୁର ଜଗତରନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି। ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା।



**ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା।**

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି। ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା,ସୁନା,ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଅବସାଦ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ,ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି। ଏହାର ଅନେକ ଦୃଷ୍ଟାନ୍ତ ରହିଛି।

ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି। ମଦ୍ୟପାନ ଠାରୁ ଆରମ୍ଭ କରି ପାନ,ଗୁଟକା , ସିଗାରେଟ୍, ହିରୋଇନ,ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି। ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,

"ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ "

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି। ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର,ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି। ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି। ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି।ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି।ସ୍ନେହ, ପ୍ରେମ,ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ। ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି।ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶେଷ୍ଟ, ସର୍ବଶକ୍ତିମାନ ମନେକରୁଛି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ। ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର।ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି। ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି। କେତେବେଳେ ସେମାନଙ୍କ ଉପରେ ଏସିଡ଼, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି। ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚରିତ୍ର ଠିକ୍ ସେହିପରି।

୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ। ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା। ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ। ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି-

"ଦଇବ ଦଉଡି ମଣିଷ ଗାଈ
ଯେଣିକି ଟାଣଇ ଶେଣିକି ଯାଇ"

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡ଼ି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡ଼ିମା ପରିତ୍ୟାଗ କରିବା

**ମୋବାଇଲ-୭୦୨୦୬୧୧୩୦୦**

# ମଣିପୁରରେ ସାନି ହିଂସା, ୫ ମୃତ



ଇମ୍ଫାଲ, ୭।୯: ମଣିପୁରରେ ପୁଣି ହିଂସା ତେଜିଛି। ଏଥିରେ ୫ଜଣ ପ୍ରାଣ ହରାଇଛନ୍ତି। ପୂର୍ବଦିନ ଉଗ୍ରବାଦୀଙ୍କ ରକେଟ ମାଡ଼ରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଜଣେ ନାବାଳିକା ସମେତ ୬ ଜଣ ଆହତ ହୋଇଥିଲେ। ଏହିସବୁ ଘଟଣା ପରେ ମୁଖ୍ୟମନ୍ତ୍ରୀ ବୀରେନ ସିଂହ ରାଜ୍ୟ କ୍ୟାବିନେଟର ଜରୁରୀ ବୈଠକ ଡାକିଛନ୍ତି। ଶନିବାର

## ମୁଖ୍ୟମନ୍ତ୍ରୀ କ୍ୟାବିନେଟ ବୈଠକ ଡାକିଲେ

ମଣିପୁରରେ ଜିରବାମ ଜିଲ୍ଲାରେ ଦୁଇ ଗୋଷ୍ଠୀ ମଧ୍ୟରେ ତୁମୁଳ ସଂଘର୍ଷ ହୋଇଛି। ଏଥିରେ ୫ଜଣ ପ୍ରାଣ ହରାଇଛନ୍ତି। ଅନେକ ଆହତ ହୋଇଛନ୍ତି। ଏହି ଘଟଣା ପରେ ସେଠାରେ ରାତ୍ରିକାଳନ କର୍ଫ୍ୟୁ ଜାରି କରାଯାଇଛି। ପଡ଼ୋଶୀ ଚୁରାଚନ୍ଦ୍ରପୁରରେ ମଧ୍ୟ ହିଂସା ବୃଦ୍ଧି ପାଇଛି। ସେଠାରେ ସେନା ହେଲିକପ୍ଟର ଦ୍ୱାରା ସୁରକ୍ଷା ବାହିନୀ ଆକାଶ ମାର୍ଗରୁ ପାଟ୍ରୋଲିଂ କରୁଛି। ସୁରକ୍ଷା ବାହିନୀ ଉଗ୍ରବାଦୀଙ୍କ ୩ଟି ବଙ୍କର ଧ୍ୱଂସ କରିଛି।

ଇତିମଧ୍ୟରେ ମଣିପୁର ଇଣ୍ଟିଗ୍ରେଟେଡ କୋର୍ଡିନେଟିଂ କମିଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପବ୍ଲିକ ଇମର୍ଜେନ୍ସି ଘୋଷଣା କରିଛି। କୁକି ସମ୍ପ୍ରଦାୟ ପୁନର୍ବାର ସକ୍ରିୟ ହେବା ପଲରେ କୁକି ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ମୁକାବିଲା ମୂଳକ ପରିସ୍ଥିତି ସୃଷ୍ଟି ହେବା ସହିତ ହିଂସା ବଢ଼ିଛି। ବିଷ୍ଣୁପୁର ଓ ଚୁରାଚନ୍ଦ୍ରପୁର ଜିଲ୍ଲାରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ପଶ୍ଚିମ ଇମ୍ଫାଲରେ ଡ୍ରେନ ବୋମା ଆକ୍ରମଣରେ ଅନେକ ମୃତାହତ ହୋଇଛନ୍ତି। ଇମ୍ଫାଲ ଇଷ୍ଟରେ ମଧ୍ୟ ହିଂସା ତେଜିଛି।





# ଚିଟିଂ କରିଥିଲେ, ଅଲିମ୍ପିକ୍ସରେ ଭଗବାନ ଦଣ୍ଡ ଦେଲେ: ବ୍ରିଜ ଭୂଷଣ

ନୂଆଦିଲ୍ଲୀ, ୭।୯: 'ଚିଟିଂ କରିଥିଲେ। ତେଣୁ ଅଲିମ୍ପିକ୍ସରେ ଦଣ୍ଡ ମିଳିଲା। ଭଗବାନ ତାଙ୍କୁ ଦଣ୍ଡ ଦେଲେ।' ଆଜି ଏଭଳି କିଛି କହି ଷ୍ଟାର ରେସ୍‌ଲର୍ ଭିନେଶ ଫୋଗାଟ ବିରୋଧରେ ଅଭିଯୋଗ ଆଣିଛନ୍ତି ପୂର୍ବତନ ବିଜେପି ସାଂସଦ ତଥା ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ଅଧ୍ୟକ୍ଷ ବ୍ରିଜ ଭୂଷଣ ଶରଣ ସିଂହ।

ଶୁକ୍ରବାର ଭିନେଶ କଂଗ୍ରେସରେ ସାମିଲ୍ ହେବା ପରେ ଦଳ ତାଙ୍କୁ ହରିୟଣା ବିଧାନସଭା ପାଇଁ ପ୍ରାର୍ଥୀ କରିଛି । ଏହାପରେ ବ୍ରିଜ ଭୂଷଣ କଂଗ୍ରେସର ବରିଷ୍ଠ ନେତା ଓ ଭିନେଶଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, 'ଅଲିମ୍ପିକ୍ସରେ ଭିନେଶ ଫୋଗାଟ ଚିଟିଂ ବା ହେରଫେର କରିଛନ୍ତି। ଏଥିପାଇଁ ତାଙ୍କୁ ପଦକ ମିଳିଲା ନାହିଁ। ଭଗବାନ ତାଙ୍କୁ ଦଣ୍ଡିତ କରିଛନ୍ତି। ପୂର୍ବତନ କୁସ୍ତି ମହାସଂଘର ଅଧ୍ୟକ୍ଷ ବ୍ରିଜଭୂଷଣ ସିଂହ ପ୍ରଶ୍ନ କହିଛନ୍ତି, କ'ଣ କୌଣସି କୁସ୍ତି ଯୋଦ୍ଧା ଗୋଟିଏ ଦିନରେ ଅଲିମ୍ପିକ୍ସର ଦୁଇଟି ବର୍ଗରେ ଟ୍ରାଏଲ ଦେଇ ପାରିବ ? କ'ଣ ଓଜନ ହ୍ରାସ କରିବା ପାଇଁ ଟ୍ରାଏଲକୁ ପାଞ୍ଚ ଘଣ୍ଟା ପାଇଁ ରୋକି ହେବ? ଆପଣ ଚିଟିଂ କରି ଅଲିମ୍ପିକ୍ସରେ ପହଞ୍ଚିଥିଲେ। ସେଥିଲାଗି ପଦକ ଜିତି ପାରିଲେ ନାହିଁ। ଭଗବାନ ଆପଣଙ୍କୁ ଦଣ୍ଡିତ କରିଛନ୍ତି। ସେହିପରି ବଜରଙ୍ଗ ପୁନିଆ ବିନା ଟ୍ରାଏଲରେ ଏସିଆଡ଼ୀ କ୍ରୀଡ଼ାରେ ଭାଗ ନେଇଥିଲେ।

ବ୍ରିଜ ଭୂଷଣ ଶରଣ ସିଂହ କହିଛନ୍ତି, କଂଗ୍ରେସ ଦଳରେ ଯୋଗଦେବା ପରେ ଭିନେଶ ଫୋଗଟ ଏବଂ ବଜରଙ୍ଗ ପୁନିଆର ସତ୍ୟତା ଲୋକଙ୍କ ସାମ୍ନାରେ ଆସିଛି। ଏହି ଲୋକଙ୍କ ମାଧ୍ୟମରେ ମୋ ବିରୋଧରେ, ବିଜେପି ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ଏକ ଷଡଯନ୍ତ୍ର ରଚିଥିଲେ। ରାହୁଲ-ପ୍ରିୟଙ୍କା ଗାନ୍ଧି ଯୋଡି ଦେବେନ୍ଦ୍ର ହୁଡ୍ଡାଙ୍କୁ ଆଗେଇ ନେଇ ଏହି ଷଡଯନ୍ତ୍ର ରଚିଥିଲେ। ଏହି ଲୋକମାନେ ରାଜନୀତି ପାଇଁ ନିଜ ଝିଅମାନଙ୍କୁ ମଧ୍ୟ ରକ୍ଷା କରିନାହାଁନ୍ତି, ସେମାନଙ୍କୁ ମଧ୍ୟ ବ୍ୟବହାର କରନ୍ତି।

ସେହିପରି ଉତ୍ତରପ୍ରଦେଶରେ ଲୋକସଭା ନିର୍ବାଚନରେ ବିଜେପିର ପରାଜୟ ସମ୍ପର୍କରେ ସେ କହିଛନ୍ତି, ମୁଁ ଏହି ଫଳାଫଳ ଆଗକୁ ଜାଣିସାରିଥିଲି। ଯଦି ମୁଁ ମୁହଁ ଖୋଲିବି, ତେବେ ଝଡ଼ ସୃଷ୍ଟି ହେବ। ଭୁଲ ଜାଣିଶୁଣି କରାଯାଇଛି। ଏହି କାରଣରୁ ଆମେ ହାରିଗଲୁ। ଏଥିରେ ଅଧିକାରୀଙ୍କ ମଧ୍ୟ ହାତ ରହିଛି।

# ସୁନୀତାଙ୍କ ବିନା ପୃଥିବୀ ପୃଷ୍ଠରେ ଲ୍ୟାଣ୍ଡ କଲା ଷ୍ଟାରଲାଇନର



ମେକ୍ସିକୋ, ୭।୯: ପୃଥିବୀ ପୃଷ୍ଠରେ ଲ୍ୟାଣ୍ଡିଂ କଲା ଷ୍ଟାରଲାଇନର। କୌଣସି କ୍ରୁ ନୁହେଁ ବରଂ ମାନବ ବିହୀନ ଭାବେ ଫେରିଛି ଷ୍ଟାରଲାଇନର। ନ୍ୟୁ ମେକ୍ସିକୋର ଏକ ମରୁଭୂମିରେ ନିରାପଦ ଭାବେ ଲ୍ୟାଣ୍ଡିଂ କରିଛି ଷ୍ଟାରଲାଇନର। ମହକାଶରେ ଦୀର୍ଘ ୩ ମାସରୁ ଅଧିକ ଦିନ ହେଲା ଫସି ରହିଥିବା ଦୁଇ ମହାକାଶଚାରୀ ସୁନିତା ୱିଲିୟମ୍ସ ଏବଂ ତାଙ୍କ ସହଯୋଗୀଙ୍କୁ ମହାକାଶରେ ଛାଡି ଏକାକି ପୃଥିବୀ ପୃଷ୍ଠକୁ ଆଜି ଫେରି ଆସିଛି। ପ୍ରାୟ ୬ ଘଣ୍ଟା ଯାତ୍ରା ପରେ ଷ୍ଟାରଲାଇନର୍ ଆମେରିକାର ନ୍ୟୁ ମେକ୍ସିକୋ ଅଞ୍ଚଳରେ ଅବତରଣ କରିଛି। ଷ୍ଟାରଲାଇନର ମହାକାଶକୁ ଯାତ୍ରା କରିବା ବେଳେ ବୈଷୟିକ ତ୍ରୁଟି ଦେଖିବାକୁ ମିଳିଥିଲା। ଷ୍ଟାରଲାଇନର ଥ୍ରଷ୍ଟର ସମସ୍ୟା ସହ ହିଲିୟମ ଗ୍ୟାସ ଲିକକୁ ଆଖି ଆଗରେ ରଖି ମହାକାଶଚାରୀଙ୍କ ବିନା କେବଳ ଏହି ଷ୍ଟାରଲାଇନର କ୍ୟାପସୁଲକୁ ପୃଥିବୀ ପୃଷ୍ଠକୁ ଫେରାଇ ଅଣାଯାଇଛି। ମହାକାଶରେ ରହି ଯାଇଛନ୍ତି ସୁନିତା ଓ ତାଙ୍କ ସହଯୋଗୀ। ଆସନ୍ତାବର୍ଷ ଫେବ୍ରୁଆରୀରେ ନାସାର କ୍ରୁ-୯ ମିଶନରେ ପୃଥିବୀକୁ ଫେରିବେ ସୁନିତା ୱିଲିୟମ୍ସ ଓ ତାଙ୍କ ସାଥୀ। ଏହାର ଅର୍ଥ ହେଉଛି ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରଙ୍କୁ ସ୍ପେସ୍ ଷ୍ଟେସନରେ ପାଞ୍ଚରୁ ଛଅ ମାସ ବିତାଇବାକୁ ପଡିବ।

# ଚଳନ୍ତା ବାଇକରୁ ଘୋଷାଡ଼ି ନେଇ ଛୁରୀ ଭୁଷି ମାରିଦେଲେ

ହରିୟାନା, ୭।୯: ପଞ୍ଜାବ ପଟିଆଲାର ଏକ ବ୍ୟସ୍ତବହୁଳ ବଜାରରେ ସର୍ବସମ୍ମୁଖରେ ଜଣେ ୨୨ ବର୍ଷୀୟ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଚଳନ୍ତା ବାଇକରେ କିଛି ବାଟ ଘୋଷାଡି ନେବା ପରେ ଛାତିରେ ଛୁରୀ ଭୁଷି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ହତ୍ୟାକାଣ୍ଡର ପୂରା ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ସିସିଟିଭି ଫୁଟେଜରେ ଦେଖା ଯାଉଛି ଯେ, ମୃତ କରଣ ଏକ ବାଇକରେ ଯାଉଛନ୍ତି। ଏହି ସମୟରେ ତିନି ଜଣ ଯୁବକ ଅନ୍ୟ ଏକ ବାଇକରେ ଆସି ତାଙ୍କୁ ଘୋଷାଡ଼ି ନେଇ ତଳେ ପକାଇ ଦେଉଛନ୍ତି। ଏହାପରେ ସେମାନେ ବାଇକରୁ ଓହ୍ଲାଇ କରଣଙ୍କୁ ଆକ୍ରମଣ କରୁଛନ୍ତି। ଏତିକିରେ ମନ ବୁଝିନଥିଲା ଯେ, କରଣଙ୍କ ଛାତିକୁ ବାରମ୍ବାର ଧାରୁଆ ଛୁରୀରେ ଆକ୍ରମଣ କରି ଫେରାର୍ ହୋଇ ଯାଇଥିଲେ। କିଛି ଲୋକ କରଣଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ତାଙ୍କ ଜୀବନ ଚାଲିଯାଇଛି। ଅତ୍ୟଧିକ ରକ୍ତସ୍ରାବ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ପୁଲିସ କହିଛି ଯେ, କରଣ ବାବୁ ସିଂ କଲୋନୀରେ ଥିବା ତାଙ୍କ ଘରକୁ ଯିବା ସମୟରେ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଅଭିଯୁକ୍ତଙ୍କ ପରିଚୟ ମିଳିଛି। ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବା ସହ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡି ନଥିଲେ ମଧ୍ୟ ବ୍ୟକ୍ତିଗତ ଶତ୍ରୁତା କାରଣରୁ ହୋଇ ଥିପାରେ ବୋଲି ପୁଲିସ କହିଛି।

## ବଚନ ସିଂହ ଆର୍ଯ୍ୟ ବିଜେପି ଛାଡ଼ିଲେ



ଚଣ୍ଡିଗଡ଼, ୭।୯: ଦଳୀୟ ଟିକେଟରୁ ବଂଚିତ ହେବା ପରେ ହରିୟାନାର ପୂର୍ବତନ ମନ୍ତ୍ରୀ ବଚନ ସିଂହ ଆର୍ଯ୍ୟ ଦଳରୁ ଇସ୍ତଫା ଦେଇଛନ୍ତି। ନିର୍ବାଚନ ପୂର୍ବରୁ ତାଙ୍କ ଇସ୍ତଫା ଦଳ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ଶୀଘ୍ର ସେ ନିଜର ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ସେ କଂଗ୍ରେସରେ ଯୋଗ ଦେବା ନେଇ ଚର୍ଚ୍ଚା ଚଳିଥିବା ବେଳେ ଆର୍ଯ୍ୟ କହିଛନ୍ତି ଯେ, ସେ ଏ ସମ୍ପର୍କରେ କାହା ସହିତ ଆଲୋଚନା କରିନାହାଁନ୍ତି।

## ମଝି ଆକଶାରେ ଦୋହଲିଲା ବିମାନ, ୭ ଆହତ

ସିଙ୍ଗାପୁର, ୭।୯: ମଝି ଆକାଶରେ ଦୋହଲିଲା ଯାତ୍ରୀବାହୀ ବିମାନ। ପୁଣି ଥରେ ବିମାନରେ ହେଲା କମ୍ପନ। ସିଙ୍ଗାପୁରରୁ ଚାଇନାର ଗୁଆଙ୍ଗଜୋ ସହରକୁ ଯାଉଥିବା ଏକ ବିମାନ ମଝି ଆକାଶରେ ଟର୍ବୁଲାନ୍ସର ଶିକାର ହୋଇଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି। ବୋଇଂ ୭୮୭-୯ ଡ୍ରିମଲାଇନର୍ ଯାନ୍ତ୍ରିକ ତ୍ରୁଟି ହେତୁ ମଝି ଆକାଶରେ ଦୋହଲିଲା ଆରମ୍ଭ କରିଥିଲା। ଏହି କାରଣରୁ ବିମାନରେ ୭ ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ତିନି ଜଣ କ୍ରୁ ସଦସ୍ୟ ମଧ୍ୟ ଅଛନ୍ତି। ଆହତମାନଙ୍କ ମଧ୍ୟରୁ ଜଣଙ୍କୁ ଡାକ୍ତରଖାନା ନିଆଯାଇଛି ବୋଲି ଦି ଷ୍ଟ୍ରାଇଟ୍ସ ଟାଇମ୍ସ ରିପୋର୍ଟ କରିଛି। ବିମାନ କମ୍ପାନୀ ସ୍କୁଟ କହିଛି ଯେ ବିମାନଟି ଶୁକ୍ରବାର ସକାଳେ ଗୁଆଙ୍ଗଜୋରେ ପହଞ୍ଚିବା ପରେ ଏଥିରେ କିଛି ଯାନ୍ତ୍ରିକ ତ୍ରୁଟି ଥିବା ସାମ୍ନାକୁ ଆସିଥିଲା। ସୂଚନା ମୁତାବକ, ବୋଇଂ ୭୮୭-୯ ଡ୍ରିମଲାଇନର୍ ବିମାନ ଭୋର ୫ଟା ୪୫ରୁ ଉଡ଼ାଣ ମରିଥିଲା। ତେବେ ସକାଳ ୯ଟା ୧୦ରେ ଏହା ଗନ୍ତବ୍ୟସ୍ଥଳରେ ପହଞ୍ଚିଥିଲା। ଗୁଆଙ୍ଗଜୋ ବିମାନ ବନ୍ଦରରେ ପହଞ୍ଚିବା ପରେ ଚାରିଜଣ ଯାତ୍ରୀ ଏବଂ ତିନିଜଣ କ୍ରୁ ସଦସ୍ୟ ଆହତ ହୋଇଥିବା ଜଣାପଡିଛି।

## ଖାଇବା ନ ଦେବାରୁ ରେଷ୍ଟୁରାଣ୍ଟ ଉପରେ ଟ୍ରକ୍ ଚଢ଼ାଇ ଦେଲେ ଡ୍ରାଇଭର

ପୁନେ, ୭।୯: ସାମ୍ନାକୁ ଆସିଛି ଆଶ୍ଚର୍ଯ୍ୟ କରିବା ଭଳି ଭିଡିଓ। ମଦ୍ୟପ ଟ୍ରକ ଡ୍ରାଇଭର ଘଟାଇଛନ୍ତି ଭୟଙ୍କର କାଣ୍ଡ। ଖାଇବା ଦେବାକୁ ମ୍ୟାନେଜର ମନା କରିବାରୁ ମଦୁଆ ଡ୍ରାଇଭର ଜଣଙ୍କ ସିଧା ରେଷ୍ଟୁରାଣ୍ଟ ଉପରେ ଗାଡ଼ି ଚଢ଼ାଇ ଦେଇଛନ୍ତି। ଏଥିସହ ରେଷ୍ଟୁରାଣ୍ଟ ବାହାରେ ପାର୍କ ହୋଇଥିବା କିଛି କାରକୁ ମଧ୍ୟ ଧକ୍କା ଦେଇଛନ୍ତି। ପୁଣେ-ସୋଲାପୁର ଜାତୀୟ ରାଜପଥ କଡ଼ରେ ଏପରି ଘଟଣା ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟା ବେଳେ ଘଟିଛି। ଏହି ଘଟଣାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଭିଡିଓ ସାମ୍ନାକୁ ଆସିବା ପରେ ଇନ୍ଦାପୁର ପୁଲିସ୍ ମଧ୍ୟପ୍ରଦେଶର ରେୱାର ମୂଳବାସିନ୍ଦା ଅମିତ କୁମାର ଜୋକୁଲାଲ ପଟେଲଙ୍କୁ ଗିରଫ କରିଛି। ଅଭିଯୁକ୍ତ ପଟେଲ ଟ୍ରକରେ ଷ୍ଟିଲ ଲୋଡ କରି ହାଇଦ୍ରାବାଦରୁ ପୁଣେ ଆସୁଥିଲେ। ତେବେ ତାଙ୍କୁ ଭୋକ ଲାଗିବାରୁ ରାସ୍ତା କଡ଼ରେ ଥିବା ଗୋଟିଏ ରେଷ୍ଟୁରାଣ୍ଟରେ ନିକଟରେ ଅଟକି ଥିଲେ। ସେ ଟ୍ରକକୁ ପାର୍କିଂ କରିବା ପରେ ରେଷ୍ଟୁରାଣ୍ଟ ଆଡ଼କୁ ଯାଇଥିଲେ। ଏହି ସମୟରେ ସେ ପ୍ରବଳ ନିଶାରେ ରହିଥିଲେ। ସେ ରେଷ୍ଟୁରାଣ୍ଟ ଭିତରକୁ ଯାଉଥିବା ବେଳେ ତାଙ୍କର ଦେଖା ମ୍ୟାନେଜର ମୟୂର ଦୁଧଭାଟେଙ୍କ ହୋଇଥିଲା।

### କୋଲକାତା ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା

# ସିବିଆଇ ଉପରେ ରାଗିଲେ କୋର୍ଟ

କୋଲକାତା, ୭।୯: କୋଲକାତା ଟ୍ରେନି ମହିଳା ଡାକ୍ତରଙ୍କ ଦୁଷ୍କର୍ମ ଓ ହତ୍ୟା ଘଟଣାର ଶୁଣାଣି ବେଳେ ଭୀଷଣ ଅସନ୍ତୋଷ ପ୍ରକାଶ କରିଛନ୍ତି କୋର୍ଟ। ଶୁଣାଣି ବେଳେ ସିବିଆଇର ତଦନ୍ତକାରୀ ଅଧିକାରୀ ଅନୁପସ୍ଥିତ ରହିବା ଓ ଧାର୍ଯ୍ୟ ସମୟର ୪୦ ମିନିଟ ପରେ ତଦନ୍ତକାରୀ ସଂସ୍ଥାର ଓକିଲ ଆସିବା ଘଟଣାକୁ ତୀବ୍ର ନାପସନ୍ଦ କରିଛନ୍ତି କୋର୍ଟ। ଓକିଲଙ୍କ ଅନୁପସ୍ଥିତିରେ ଯୋଗୁ କୋର୍ଟର ବିଚାରପତି ଘଟଣା ମୁଖ୍ୟ ଅଭିଯୁକ୍ତକୁ ସଞ୍ଜୟ ରୟକୁ ଜାମିନ ଦେଇଦେବି କି ବୋଲି ପ୍ରଶ୍ନ କରିଛନ୍ତି। ସିବିଆଇକୁ କୋର୍ଟ ଭର୍ତ୍ସନା କରିଛନ୍ତି ଓ ଏହା ଅଳସୁଆ ପଣର ଉଦାହରଣ ବୋଲି ବି କହିଛନ୍ତି। ଘଟଣାରେ ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟ କରିଥିବା ଜାମିନ ଆବେଦନର ଶୁଣାଣି ସେଆଲଦା କୋର୍ଟର ମାଜିଷ୍ଟ୍ରେଟ କରିଥିଲେ। ତେବେ ଶୁଣାଣି ସମୟରେ ସିବିଆଇର ତଦନ୍ତକାରୀ ଅଧିକାରୀ ଅନୁପସ୍ଥିତ ରହିଥିଲେ। ସଞ୍ଜୟର ଓକିଲ ଜାମିନ ପାଇଁ ଯୁକ୍ତି ଉପସ୍ଥାପନ କରୁଥିବା ବେଳେ ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ପାମେଲା ଗୁପ୍ତାଙ୍କୁ କୁହାଯାଇଥିଲା ଯେ ସିବିଆଇ ଓକିଲ ବିଳମ୍ବରେ ଆସିବେ। ଓକିଲଙ୍କୁ ଅପେକ୍ଷା କରାଯାଥିବା ବେଳେ ମାଜିଷ୍ଟ୍ରେଟ କହିଥିଲେ ଯେ "ସଞ୍ଜୟ ରୟକୁ କ'ଣ ମୁଁ ଜାମିନ ଦେଇଦେବି? ଏପରି ଆଭିମୁଖ୍ୟ ସିବିଆଇର ଆଳସ୍ୟପଣକୁ ଦର୍ଶାଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।" ସିବିଆଇ ଓକିଲ ପ୍ରାୟ ୪୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ଏହାର କାରଣ ମଧ୍ୟ ସେ କୋର୍ଟଙ୍କୁ ଜଣାଇଥିଲେ। ଏହାପରେ ଶୁଣାଣି ଆରମ୍ଭ ହୋଇଥିଲା। ଦୁଇ ପକ୍ଷଙ୍କୁ ଶୁଣିବା ପରେ ମାଜିଷ୍ଟ୍ରେଟ ଅଭିଯୁକ୍ତ ସଞ୍ଜୟ ରୟକୁ ୧୪ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ଘଟଣା ଉପରେ ପ୍ରତିକ୍ରିୟା ଦେଇ ଟିଏମସି ନେତା ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ କହିଛନ୍ତି, "କୋର୍ଟ କ୍ଷୁବ୍ଧ ହୋଇଥିଲେ, ଅପେକ୍ଷା କରିଥିଲେ। ତଥାପି କେହି ଆସି ନଥିଲେ। ଆମେ ପଚାରିବାକୁ ଚାହୁଁଛି, କ'ଣ ଚାଲିଛି? କାହିଁକି ବିରୋଧୀ ଏହା ଉପରେ ପ୍ରତିକ୍ରିୟା ଦେଉ ନାହାନ୍ତି? ସିବିଆଇ ୨୪ ଦିନ ଓ ୫୭୦ ଘଣ୍ଟାରୁ ଅଧିକ ସମୟ ହେଲାଣି ତଦନ୍ତ କରୁଛି। କିନ୍ତୁ ଏହାର ରେଜଲ୍ଟ କ'ଣ? ପୂରା ଦେଶ ଏକଥା ପଚାରୁଛି। ଏଥିରୁ ଜଣାପଡୁଛି ଯେ ସିବିଆଇ ଘଟଣାକୁ ଆଦୌ ଗୁରୁତ୍ୱର ସହ ନେଉ ନାହିଁ।" ଅଗଷ୍ଟ ୯ରେ କୋଲକାତାର ଆରଜି କର ମେଡିକାଲ କଲେଜ ଓ ହସ୍ପିଟାଲର ସେମିନାର ରୁମ ଭିତରୁ ଜଣେ ୩୧ ବର୍ଷୀୟ ମହିଳା ଡାକ୍ତରଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା। ତାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଜଣାପଡ଼ିବା ପରେ ପୂରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ଘଟଣାରେ କୋଲକାତା ପୁଲିସ୍ ସିଭିକ ସ୍ୱେଚ୍ଛାସେବୀ ସଞ୍ଜୟ ରୟକୁ ଗିରଫ କରିଛି।

# ଗାଜା ସ୍କୁଲରେ ଇସ୍ରାଏଲର ଆକ୍ରମଣ, ୧୩ ମୃତ



ଗାଜା, ୭।୯: କିଛି ଦିନର ବିରତି ପରେ ପୁଣି ଆକ୍ରମଣ କରିଛି ଇସ୍ରାଏଲ। ଗାଜାର ସ୍କୁଲ୍ ଏବଂ ଆବାଶିକ କୋଠା ଉପରେ ଏୟାର ଷ୍ଟ୍ରାଇକ କରିଛି ଇସ୍ରାଏଲ। ଏଥିରେ ୧୩ ଜଣ ପାଲେଷ୍ଟାଇନଙ୍କ ମୃତ୍ୟୁ ଘଟି ଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି।

ଏନେଇ ପାଲେଷ୍ଟାଇନ କର୍ତ୍ତୃପକ୍ଷଙ୍କ ସରକାରୀ ଖବର ଏଜେନ୍ସି ଡବ୍ଲ୍ୟୁଏଏଫ୍ଏ ସୂଚନା ଦେଇଛି। ଡବ୍ଲ୍ୟୁଏଏଫ୍ଏ କହିଛି ଯେ, ଗାଜାର ସ୍କୁଲ୍ ଉପରେ ଇସ୍ରାଏଲ ଏୟାର ଷ୍ଟ୍ରାଇକ୍ କରିଛି। ଏଥିରେ ୧୩ ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ୧୫ ଜଣ ଆହତ ହୋଇଛନ୍ତି। ମୃତମାନଙ୍କ ମଧ୍ୟରେ ଆଠ ଜଣ ଶରଣାର୍ଥୀ ଥିଲେ। ଇସ୍ରାଏଲ୍ ସେନା ଏକ ବିବୃତ୍ତିରେ କହିଛି ଯେ, ହମାସ କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟରରେ ଥିବା ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରାଯାଇଛି। ଏମାନଙ୍କୁ ଉତ୍ତର ଗାଜାର 'ହଲିମା ଅଲ-ସାଦିଆ' ସ୍କୁଲ୍ ଆଶ୍ରୟସ୍ଥଳରେ ଲୁଚାଇ ରଖାଯାଇଥିଲା। ତେବେ ଗାଜାରେ ପିଲାମାନଙ୍କୁ ପୋଲିଓ ଟିକା ଦେବା ପାଇଁ ତିନି ଦିନ ଯୁଦ୍ଧ ବିରାମ ରହିଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆହ୍ୱାନ କ୍ରମେ ଅଗଷ୍ଟ ୩୦ରୁ ୩ ଦିନ ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ରହିଥିଲା। ଏହାପରେ ପୁଣି ଆକ୍ରମଣ ଆରମ୍ଭ କରିଛି ଇସ୍ରାଏଲ। ଗତ ବର୍ଷ ଅକ୍ଟୋବର ୭ରେ ପାଲେଷ୍ଟାଇନର ଆତଙ୍କୀ ସଂଗଠନ ଇସ୍ରାଏଲ ଉପରେ ଘନଘନ ରକେଟ ମାଡ଼ କରିଥିଲେ। ଏଥିରେ ପ୍ରାୟ ୧୨୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ହମାସ ସଂଗଠନ ମଧ୍ୟ ଇସ୍ରାଏଲର ୨୫୦ ଜଣଙ୍କୁ ଅପହରଣ କରି ନେଇଥିଲେ।

# ନିତିନ ଗଡକରୀଙ୍କୁ ବିଜେପିର ବଡ଼ ଦାୟିତ୍ୱ

ପୁଣେ,୭।୯: ଆସନ୍ତା ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀଙ୍କ ସମେତ ମହାରାଷ୍ଟ୍ରର ସମସ୍ତ ଭାଜପାନେତା ଅଂଶଗ୍ରହଣ କରିବେ। ମହାରାଷ୍ଟ୍ର ଭାଜପା ୟୁନିଟ ସଭାପତି ଚନ୍ଦ୍ରଶେଖର ବାୱାନକୁଲେ ଏହି ସୂଚନା ଦେଇଛନ୍ତି। ଭାଜପାର ବିଧାନସଭା ନିର୍ବାଚନ ଯୋଜନା ସମ୍ପର୍କରେ ସେ କହିଛନ୍ତି,ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସଙ୍କ ନେତୃତ୍ୱରେ ୨୧ଜଣ ନେତା ମହାରାଷ୍ଟ୍ରର ବିଭିନ୍ନ କମିଟିର ଅଂଶ ହେବେ ଏବଂ ସମସ୍ତଙ୍କୁ ଦାୟିତ୍ୱ ଦିଆଯାଇଛି। ଚନ୍ଦ୍ରଶେଖର କହିଛନ୍ତି, ମହାଯୁତି ପାଇଁ ଭାଜପାର ଯୋଜନା ବୁଥ ସ୍ତର ପର୍ଯ୍ୟନ୍ତ ପରିଚାଳନା କରିବା। ମହାରାଷ୍ଟ୍ରରେ ହେବାକୁ ଥିବା ନିର୍ବାଚନ ପ୍ରଚାରରେ କେନ୍ଦ୍ର ମନ୍ତ୍ରୀ ଭୁପେନ୍ଦ୍ର ଯାଦବ ଏବଂ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଅଂଶଗ୍ରହଣ କରିବେ। ନିର୍ବାଚନ ପ୍ରଚାରକୁ ପୂର୍ଣ୍ଣ ସମୟ ଦେବାକୁ ଆମେ ନିତିନ ଗଡକରୀଙ୍କୁ ଅନୁରୋଧ କରିଥିଲୁ ଏବଂ ସେ ରାଜି ହୋଇଥିଲେ। ଭାଜପା ବ୍ୟତୀତ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି ମଧ୍ୟ ମହାରାଷ୍ଟ୍ରରେ ଶାସକ ମହାସଂଘର ଏକ ଅଂଶ।

ନିକଟରେ ମହାରାଷ୍ଟ୍ରରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ଭାଜପା ଝଟ୍‌କାର ସମ୍ମୁଖୀନ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଭାଜପା ଏଥର ବିଧାନସଭା ନିର୍ବାଚନରେ କୌଣସି ସୁଯୋଗ ଛାଡିବାକୁ ଚାହୁଁନାହିଁ। କିଛି ସପ୍ତାହ ମଧ୍ୟରେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଘୋଷଣା କରାଯାଇପାରେ। ଏହାପୂର୍ବରୁ ଭାଜପା ନିର୍ବାଚନ ପ୍ରଚାର ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହା ବ୍ୟତୀତ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାଓସେହେବ ଦାନଭେ ପାଟିଲ, ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ, ମନ୍ତ୍ରୀ ସୁଧୀର ମୁଙ୍ଗନ୍ତୀୱାର, ଭାଜପା ରାଜ୍ୟ ସଭାପତି ଚନ୍ଦ୍ରଶେଖର ବାୱାନକୁଲେ ଏବଂ ରାଜ୍ୟର ଅନ୍ୟ ନେତାମାନେ ଷ୍ଟାର ପ୍ରଚାରକ ତାଲିକାରେ ସ୍ଥାନ ପାଇଛନ୍ତି। ଚନ୍ଦ୍ରଶେଖର ବାୱାନକୁଲେ କହିନ୍ତି, ଭାଜପା ପକ୍ଷରୁ ବାୱାନକୁଲେଚନ ପ୍ରଚାରର ନେତୃତ୍ୱ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡକରୀଙ୍କୁ ଦିଆଯାଇଛି। ମହାରାଷ୍ଟ୍ରର ଲୋକମାନେ ଗଡକରୀଙ୍କୁ ବହୁତ ଭଲ ପାଆନ୍ତି। ସେ ନିଜର ସାମର୍ଥ୍ୟକୁ ସର୍ବଦା ପ୍ରମାଣ କରିଆସୁଛନ୍ତି।

# ରୁଷ ଦଖଲ ଅଞ୍ଚଳରେ ୟୁକ୍ରେନ 'ଡ୍ରାଗନ'ର ନିଆଁ ବର୍ଷା



କିଭ୍, ୭।୯: ରୁଷ ଦଖଲରେ ଥିବା ଖାରକିଭ୍ ଅଞ୍ଚଳରେ ନିଆଁ ବର୍ଷା କରି ୟୁକ୍ରେନର ଡ୍ରାଗନ ଡ୍ରୋନ। ଡ୍ରାଗନ ଡ୍ରୋନ ଜିଆରେ ୟୁକ୍ରେନ ମାଡ଼ କରିଛି ବୋମା। ଏଥିଯୋଗୁ ସେଠାରେ ଥିବା ଅନେକ ଗଛ ପୋଡ଼ି ଜଳି ପାଉଁସ ହୋଇ ଯାଇଥିବା ବେଳେ ରୁଷର ସାମରିକ ଗାଡ଼ି ଗୁଡ଼ିକ ମଧ୍ୟ ପୋଡ଼ି ଯାଇଛି। ଡ୍ରାଗନ ଡ୍ରୋନ କେମିତି ଆଖି ପିଛୁଳାକେ ସବୁ କିଛି ଧ୍ୱଂସ କରି ଦେଉଛି, ତା'ର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଖୋରନେ ଗ୍ରୁପ ନାମ ଗୋଟିଏ ଟେଲିଗ୍ରାମ ଚ୍ୟାନେଲରେ ଘଟଣା ବେଳର ଦୃଶ୍ୟକୁ ଶେୟାର କରାଯାଇଛି। ଏଥିରେ ଆକ୍ରମଣର ତାରିଖ ନାହିଁ। କିନ୍ତୁ ଅଳ୍ପ ଉଚ୍ଚରେ ଉଡୁଥିବା ୟୁକ୍ରେନର ଡ୍ରାଗନ ଡ୍ରୋନ ବୋମା ମାଡ଼ କରୁଥିବା ଦେଖିବାକୁ ମିଳୁଛି। ଥେରମାଇଟେ ବୋମା ହେଉଛି ଆଲୁମିନିୟମ ପାଉଡର ଓ ଆଇରନ ଅକ୍ସାଇଡର ମିଶ୍ରଣ। ଏହା ଆଖି ପିଛୁଳାକେ ସବୁ କିଛିକୁ ଜାଳି ଦେବାର କ୍ଷମତା ରଖିଛି। ଏହି ମୋଲଟେନ ମେଟାଲ ଅତି କ୍ଷୀପ୍ର ଗତିରେ ଗଛ, ଲୁହା ଓ ଧାତୁକୁ ପାଉଁସ କରି ଦେଇଥାଏ। ତେଣୁ ୟୁକ୍ରେନ ଏହାକୁ ବ୍ୟବହାର କରି ରୁଷ ଦଖଲରେ ଥିବା ଅଞ୍ଚଳକୁ ଧ୍ୱଂସ କରି ଦେଇଛି। ରୁଷ ସେନାର ଏକାଧିକ ଗାଡ଼ି, ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଜିନିଷ ମଧ୍ୟ ଡ୍ରାଗନ ଡ୍ରୋନରେ ନଷ୍ଟ ହୋଇଯାଇଛି। ୟୁକ୍ରେନର ୬୦ତମ ମେକାନାଇଜଡ ବ୍ରିଗେଡ ଡ୍ରୋନ ଫୁଟେଜକୁ ଶେୟାର କରିଛି ଓ କହିଛି ଯେ ଅନ୍ୟ ଅସ୍ତ୍ରଶସ୍ତ୍ର ଯାହ ସଠିକ ଭାବେ କରି ପାରି ନଥାଏ, ତା'କୁ ଡ୍ରାଗନ ଡ୍ରୋନ କରି ପାରିଛି। ଏହା ଶତ୍ରୁ ପକ୍ଷକୁ ବିପଦରେ ପକାଇଛି। ଏହି ଅସ୍ତ୍ରକୁ ପୂରା ବିଶ୍ୱରେ ସବୁଠାରୁ ବିପଦଜନକ ଅସ୍ତ୍ର ଭାବେ ବିବେଚନା କରାଯାଏ।

୨୦୨୩ରେ ରୁଷ ପକ୍ଷରୁ ୟୁକ୍ରେନର ଭୁହଲେଦାରରେ ଥେରମାଇଟେ ବୋମାର ବ୍ୟବହାର କରାଯାଇଥିଲା। ଟ୍ୟାଙ୍କ ଯୁଦ୍ଧରେ ରୁଷ ହାରିବାରୁ ଏହି ବୋମାର ବ୍ୟବହାର କରିଥିଲା। ଏବେ ୟୁକ୍ରେନ ସମାନ ପଦକ୍ଷେପ ଗ୍ରହଣ କରି ରୁଷ ଦଖଲରେ ଥିବା ଅଞ୍ଚଳରେ ହମଲା କରିଛି।

## ଟ୍ୟୁସନରୁ ଫେରୁଥିବା ବେଳେ ଛାତ୍ରୀଙ୍କୁ ବଳାତ୍କାର

କୋଲକାତା, ୭।୯: ପଶ୍ଚିମବଙ୍ଗର ରାଜଧାନୀ କୋଲକାତାର ଆର.ଜି କର ହସ୍ପିଟାଲରେ ଜଣେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା କରିବାର ଏକ ମାସ ହୋଇନାହିଁ। ସେପଟେ ହୁଗ୍‌ଲୀ ନିକଟସ୍ଥ ହରିପାଲରେ ନବମ ଶ୍ରେଣୀ ଜଣେ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ ସାମ୍ନାକୁ ଆସିଛି। ଛାତ୍ରୀ ଜଣଙ୍କ ଟ୍ୟୁସନରୁ ଫେରୁଥିବା ବେଳେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇବା ପରେ ପୋଲିସ ଛାତ୍ରୀଙ୍କୁ ଉଦ୍ଧାର କରିବାକୁ ଆସିଥିଲା। ପୋଲିସ ପୀଡିତାଙ୍କୁ ଅର୍ଦ୍ଧନଗ୍ନ ଅବସ୍ଥାରେ ପାଇଥିଲା। ଛାତ୍ରୀଙ୍କ ପରିବାର ପୋଲିସ ନିକଟରେ ଅଭିଯୋଗ କରିଛନ୍ତି, ପୋକ୍ସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ ହୋଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ କୌଣସି ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ନାହିଁ। ଝିଅ ଏବଂ ତାଙ୍କ ପରିବାରର ଗୋପନୀୟତାକୁ ସମ୍ମାନ କରିବାକୁ ଅନୁରୋଧ କରାଯାଇଛି।

## ପ୍ୟାରିସ୍ ପାରାଅଲିମ୍ପିକ୍ସ ୨୦୨୪

# ପ୍ରାଚୀ, ସୂୟାଶ ବିଫଳ





**ପ୍ୟାରିସ୍, ୭।୯:** ପ୍ୟାରିସ୍ ପାରାଲିମ୍ପିକ୍ସରେ ଶନିବାର ୧୦ମ ଦିନ କାନୋଇ ସ୍ପ୍ରିଣ୍ଟରେ ଭାରତର ପ୍ରାଚୀ ଯାଦବ ମହିଳା ଏକକ ୨୦୦ମି. ଭିଏଲ୍୨ ଫାଇନାଲ୍‌ରେ ଅଷ୍ଟମ ସ୍ଥାନରେ ରହିଛନ୍ତି। ସେହିପରି ପୁରୁଷ ସନ୍ତରଣରେ ଭାରତର ସୂୟାଶ ଜାଧବ ପୁରୁଷ ୫୦ମି. ବଟର୍‌ଫ୍ଲାଏ ଏସ୍୭ ଇଭେଣ୍ଟରେ ଫାଇନାଲ୍‌ରେ ସ୍ଥାନ ପାଇବାରେ ବିଫଳ ହୋଇଛନ୍ତି।

କାନୋଇଂରେ ପ୍ରାଚୀ ଫାଇନାଲ୍‌ରେ ୧:୦୮.୫୫ ସମୟ ନେଇଥିଲେ, ଯାହା ଫଳରେ ତାଙ୍କୁ ଅଷ୍ଟମ ସ୍ଥାନ ମିଳିଥିଲା। ସେ ସେମିଫାଇନାଲ୍‌ରେ ତୃତୀୟ ସ୍ଥାନରେ ରହିଥିଲେ। ଏହା ପୂର୍ବରୁ ମଧ୍ୟପ୍ରଦେଶ ଗ୍ୱାଲିଅର୍‌ର ପ୍ରାଚୀ ଏସୀୟ ପାରା କ୍ରୀଡ଼ା ୨୦୨୩ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପୁରୁଷ କାୟକ ଏକକ ୨୦୦ମି. କେଏଲ୍୧ ଇଭେଣ୍ଟରେ ଯଶ କୁମାର ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲେ।

୩୦ବର୍ଷୀୟ ସନ୍ତରଣକାରୀ ସୂୟାଶ ହିଟ୍ ୧ରେ ୩୩.୪୭ ସମୟ ସହ ୫ମ ତଥା ଓଭର୍‌ଅଲ୍ ୧୦ମ ସ୍ଥାନରେ ରହିଥିଲେ। ଦୁଇ ହିଟ୍‌ରୁ ଶୀର୍ଷ-୪ ସନ୍ତରଣକାରୀ ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ। ଏହା ସହିତ ସନ୍ତରଣରେ ଭାରତର ଅଭିଯାନ ଶେଷ ହୋଇଛି। ମହାରାଷ୍ଟ୍ର ସୋଲାପୁରର ସୂୟାଶ ଏହା ପୂର୍ବରୁ ଏସୀୟ ପାରା କ୍ରୀଡ଼ା, ୱିଣ୍ଡର ଓନ୍ ପୋଲିଶ୍ ଚାମ୍ପିଅନ୍‌ସିପ୍ ଓ ଆଇଡବ୍ଲ୍ୟୁଏଏସ୍ ବିଶ୍ୱ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

ଏହାଛଡ଼ା ରୋଡ୍ ରେସ୍‌ରେ ମହିଳା ସି୧-୩ ପଦକ ରାଉଣ୍ଡରେ ଜ୍ୟୋତି ଗଡ୍ଡେରିୟା ୧୫ତମ ସ୍ଥାନରେ ରହିଥିବା ବେଳେ ପୁରୁଷ ସି୧-୩ ପଦକ ରାଉଣ୍ଡରେ ଅରଶଦ ସାଇକ ୨୮ତମ ସ୍ଥାନ ହାସଲ କରିଥିଲେ।

ଏବେ ଭାରତର ପଦକ ସଂଖ୍ୟା ୨୭ ରହିଛି। ଏଥିରେ ୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୨କାଂସ୍ୟ ପଦକ ଅଛି। ଶୁକ୍ରବାର ନବମ ଦିନ ଭାରତର ହୋକାତୋ ସେମା ପୁରୁଷ ସଟ୍‌ପୁଟ୍ ଏଫ୍୫୭ ବର୍ଗ ଫାଇନାଲ୍‌ରେ କାଂସ୍ୟ ପଦକ ଜିତିଥିଲେ। ଏହାଛଡ଼ା ପ୍ରବୀଣ କୁମାର ପୁରୁଷ ହାଇ ଜମ୍ପ୍ ଟି ୬୪ ଇଭେଣ୍ଟରେ ଏସୀୟ ରେକର୍ଡ ଭାଙ୍ଗି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ଲ୍ୟାଣ୍ଡମାଇନ୍ ବିସ୍ଫୋରଣରୁ ବର୍ତ୍ତିଥିବା ସେମା ୧୪.୬୫ ମିଟର ଥ୍ରୋ' କରିଥିଲେ। ଏହା ତାଙ୍କର ସିଜନ୍-ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ଏହି ୪୦ବର୍ଷୀୟ ଆଥ୍‌ଲେଟ୍ ଗତ ବର୍ଷ ହାଙ୍ଗଝୁ ଏସିଆଡ୍‌ରେ ମଧ୍ୟ କାଂସ୍ୟ ପଦକ ପାଇଥିଲେ। ପ୍ୟାରିସ୍‌ରେ ସେ ୧୩.୮୮ମି. ଥ୍ରୋ'ରୁ ଫାଇନାଲ୍ ପ୍ରତିଯୋଗିତା ଆରମ୍ଭ କରିଥିଲେ।

ଏହାପରେ ସେ ଲକ୍ଷ୍ୟ ହାସଲ କରି ଦ୍ୱିତୀୟ ପ୍ରୟାସରେ ୧୪ମି. ମାର୍କ ଅତିକ୍ରମ କରିବା ସହ ପରବର୍ତ୍ତୀ ପ୍ରୟାସରେ ସେ ୧୪.୪୦ମି.ର ପ୍ରଭାବଶାଳୀ ଥ୍ରୋ' କରିଥିଲେ। ତାଙ୍କ ପାଇଁ ଚତୁର୍ଥ ପ୍ରୟାସ ସର୍ବଶ୍ରେଷ୍ଠ ସାବ୍ୟସ୍ତ ହୋଇଥିଲା। ଏଥିରେ ସେ ନିଜ ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ପ୍ରଦର୍ଶନ



## ଡାହାଣ କହୁଣିରେ ଆଘାତ

# ଚଳିତ ବର୍ଷ ଆଉ ଖେଳିବେନି ଉଡ୍

**ଲଣ୍ଡନ, ୭।୯:** ଇଂଲଣ୍ଡର ଦ୍ରୁତ ବୋଲର୍ ମାର୍କ ଉଡ୍ ଡାହାଣ କହୁଣିରେ ଆଘାତ ଯୋଗୁଁ ଚଳିତ ବର୍ଷ ଆଉ ଖେଳିପାରିବେ ନାହିଁ। ସେ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆହତ ହୋଇଥିଲେ। ଏବେ ସେ ୨୦୨୫ରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଇଂଲଣ୍ଡ କ୍ରିକେଟ୍ ବୋର୍ଡ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉଡ୍ ପ୍ରଥମ ଟେଷ୍ଟର ତୃତୀୟ ଦିନ ବୋଲିଂ କରୁଥିବା ବେଳେ ଡାହାଣ ଜଙ୍ଘରେ ଯନ୍ତ୍ରଣା ଭୋଗିଥିଲେ। ଏହାପରେ ସେ ପଡ଼ିଆ ଛାଡ଼ିଥିଲେ ଏବଂ ଆଉ ବୋଲିଂ କରିବାକୁ ଆସି ନ ଥିଲେ। ଏଥିପାଇଁ ତାଙ୍କୁ ପୂରା ଶୃଙ୍ଖଳାରୁ ବାଦ୍ ଦିଆଯାଇଥିଲା। ଶୃଙ୍ଖଳାର ଅବଶିଷ୍ଟ ଦୁଇ ମ୍ୟାଚ୍ ପାଇଁ ଉଡ୍‌ଙ୍କ ସ୍ଥାନରେ ଲିସେଷ୍ଟରସାୟାର୍‌ର ଯୁବ ପେସର୍ ଜୋଶ୍ ହଲ୍‌ଙ୍କୁ ଟିମ୍‌ରେ ସାମିଲ୍ କରାଯାଇଥିଲା।

ଏହାପରେ ଉଡ୍ କହୁଣିରେ ଯନ୍ତ୍ରଣା ଅନୁଭବ କରିଥିଲେ। ସେ ନିୟମିତ କହୁଣି ସ୍କାନ୍ କରି ଜାଣିବାକୁ ପାଇଥିଲେ ଯେ ବୋନ୍ ଷ୍ଟ୍ରେସ୍ ଏନ୍‌ଜୁରୀ ହୋଇଛି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଅନେକ ଦିନ ଲାଗିବ। ପୂର୍ବରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ଶୃଙ୍ଖଳା ସମୟରେ ସେ କହୁଣିରେ ଯନ୍ତ୍ରଣା ଭୋଗିଥିଲେ।

ଉଡ୍ ଚଳିତ ବର୍ଷ ଅକ୍ଟୋବରରେ ପାକିସ୍ତାନ ବିପକ୍ଷ ଓ ଡିସେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଖେଳିପାରିବେ ନାହିଁ। ଆସନ୍ତା ବର୍ଷ ପ୍ରାରମ୍ଭରେ ଇଂଲଣ୍ଡ ଟିମ୍ ଭାରତ ଗସ୍ତ କରିବ। ସେତେବେଳକୁ ଉଡ୍ ଫିଟ୍ ହୋଇଯିବେଣି ବୋଲି ଆଶା କରାଯାଉଛି। ୨୦୨୫ ଆଦ୍ୟଭାଗରେ ଚାମ୍ପିଅନ୍ସ ଟ୍ରଫି ବି

## ଦୁଲିପ ଟ୍ରଫି କ୍ରିକେଟ



# ଇଣ୍ଡିଆ-ସି ୪ ୱିକେଟରେ ବିଜୟୀ

**ଅନନ୍ତପୁର, ୭।୯:** ଏଠାରେ ଚାଲିଥିବା ଦୁଲିପ ଟ୍ରଫି କ୍ରିକେଟ ମ୍ୟାଚରେ ଇଣ୍ଡିଆ-ସି ପ୍ରତିପକ୍ଷ ଇଣ୍ଡିଆ-ଡିକୁ ୪ ୱିକେଟରେ ପରାଜିତ କରିଛି। ବିଜୟ ହାସଲ ନିମନ୍ତେ ଦ୍ୱିତୀୟ ଇନିଂସରେ ଦଳକୁ ୨୩୩ ରନର ଆବଶ୍ୟକତା ଥିବା ବେଳେ ଏହା ୬ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚି ଯାଇଥିଲା। ୧୯୧ରନରେ ଦଳ ୬ଟି ୱିକେଟ ହରାଇଥିବା ବେଳେ ଅଭିଷେକ ପୋରେଲ ଅପରାଜିତ ୩୫ ଏବଂ ମାନବ ସୁତାର ଅପରାଜିତ ୧୯ ରନ କରି ଦଳର ବିଜୟ ସୁନିଶ୍ଚିତ କରିଥିଲେ। ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରୁତୁରାଜ ଗାଏକୱାଡ ୪୬, ଆର୍ଯ୍ୟନ ଜୁୟାଲ ୪୭, ରଜତ ପଟ୍ଟିଦାର ୪୪ ଏବଂ ସାଇ ସୁଦର୍ଶନ ୨୨ ରନ ସଂଗ୍ରହ କରିଥିଲେ। ଣ୍ଡିଆ ଡି ପକ୍ଷରୁ ସାରାଂଶ ଜୈନ ୪ଟି, ଅକ୍ଷର ପଟେଲ ଏବଂ ଅର୍ଶଦୀପ ସିଂହ ଗୋଟିଏ ଲେଖାଏଁ ୱିକେଟ ଦଖଲ କରିଥିଲେ। ମ୍ୟାଚରେ ୮ଟି ୱିକେଟ ନେଇଥିବା ଇଣ୍ଡିଆ-ସି'ର ମାନବ ସୁତାରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଟେଷ୍ଟ ଇତିହାସରେ କୀର୍ତ୍ତି ରଚିଲେ ପୋପ୍

**ଲଣ୍ଡନ, ୭।୯:** ଇଂଲଣ୍ଡର କାମଚଳା ଅଧିନାୟକ ଓଲୀ ପୋପ୍ ଶୁକ୍ରବାର ଟେଷ୍ଟ କ୍ରିକେଟ୍ ଇତିହାସରେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଉପଲବ୍ଧି ହାସଲ କରିଛନ୍ତି। ୪୯ତମ ଟେଷ୍ଟ ମ୍ୟାଚ୍ ଖେଳୁଥିବା ପୋପ୍ ପ୍ରଥମ କ୍ରିକେଟର୍ ଭାବେ ଭିନ୍ନ ଭିନ୍ନ ଟିମ୍ ବିପକ୍ଷରେ ତାଙ୍କ କ୍ୟାରିଅର୍‌ର ପ୍ରଥମ ସାତ ଟେଷ୍ଟ ଶତକ ଲଗାଇଛନ୍ତି। ପୋପ୍‌ଙ୍କ ଉଲ୍ଲେଖନୀୟ ଶତକ (୧୦୩ ବଲ୍‌ରୁ ଅପରାଜିତ ୧୦୩ ରନ୍) ବଳରେ ଇଂଲଣ୍ଡ ଟିମ୍ ଦ ଓଭାଲ୍ ଠାରେ ଶ୍ରୀଲଙ୍କା ବିପକ୍ଷ ତୃତୀୟ ଟେଷ୍ଟର ପ୍ରଥମ ଦିନ ଦୃଢ଼ ସ୍ଥିତିରେ ପହଞ୍ଚିଥିଲା। ଆବଶ୍ୟକ ଆଲୋକ ଅଭାବରୁ ମ୍ୟାଚ୍ ବନ୍ଦ ହେବା ବେଳକୁ ଟିମ୍ ୩ ୱିକେଟ୍ ହରାଇ ୨୨୧ ରନ୍ ସଂଗ୍ରହ କରିଥିଲା।

ପୋପ୍ ଫର୍ମକୁ ଫେରିବା ଟିମ୍ ପାଇଁ ବଡ଼ କଥା ଥିଲା। ଆହତ ବେନ୍ ଷ୍ଟୋକ୍ସଙ୍କ ସ୍ଥାନରେ ସେ ଶୃଙ୍ଖଳା ଆରମ୍ଭରୁ ଟିମ୍‌ର ଅଧିନାୟକ ଦାୟିତ୍ୱ ତୁଲାଇ ଆସୁଛନ୍ତି। କିନ୍ତୁ ସେବେ ଠାରୁ ଏହି ମ୍ୟାଚ୍ ପୂର୍ବ ଯାଏଁ ସେ ଚାରି ଇନିଂସ୍ ଖେଳି ମାତ୍ର ୩୦ ରନ୍ କରିଥିଲେ। ଇଂଲଣ୍ଡର ଅଧିନାୟକ ଭାବେ ସେ ପ୍ରଥମ ଶତକ ଲଗାଇଥିଲେ। ଏହା ତାଙ୍କର ୧୨ତମ ପ୍ରଥମ-ଶ୍ରେଣୀ ଓ ସପ୍ତମ ଟେଷ୍ଟ ଶତକ।

ଟେଷ୍ଟରେ ୨୦୨୦ ଜାନୁଆରୀରେ ପୋପ୍‌ଙ୍କ ଶତକ-ଯାତ୍ରା ଆରମ୍ଭ ହୋଇଥିଲା। ସେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଛଅ ନମ୍ବରରେ ବ୍ୟାଟିଂ କରି ଅପରାଜିତ ୧୩୫ ରନ୍‌ର ଇନିଂସ୍ ଖେଳିଥିଲେ। ପରବର୍ତ୍ତୀ ଶତକ ପାଇଁ ତାଙ୍କୁ ଦୁଇ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ୨୦୨୨ ଜାନୁଆରୀରେ ସେ ନଟିଂହାମ୍ ଠାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ନମ୍ବରରେ ବ୍ୟାଟିଂ କରି ୧୪୫ ରନ୍ କରିଥିଲେ।



ସେହି ବର୍ଷ ଡିସେମ୍ବରରେ ସେ କ୍ୟାରିଅର୍‌ର ତୃତୀୟ ଶତକ ଲଗାଇଥିଲେ। ରାୱଲପିଣ୍ଡି ଠାରେ ପାକିସ୍ତାନ ବିପକ୍ଷରେ ସେ ୧୦୪ ବଲ୍‌ରୁ ୧୦୮ ରନ୍‌ର ଦ୍ରୁତ ଶତକ ମାରିଥିଲେ।

୨୦୨୩ ଜୁନ୍‌ରେ ତାଙ୍କ ବ୍ୟାଟ୍‌ରୁ ଚତୁର୍ଥ ଶତକ ଆସିଥିଲା। ସେ ଲର୍ଡ୍ସ ଠାରେ ଆୟରଲାଣ୍ଡ ବିପକ୍ଷରେ ୨୦୮ ବଲ୍‌ରୁ ୨୦୫ ରନ୍‌ର ଇନିଂସ୍ ଖେଳିଥିଲେ। ଏହା ତାଙ୍କ ଟେଷ୍ଟ କ୍ୟାରିଅର୍‌ର ପ୍ରଥମ ଦ୍ୱିଶତକ ଥିଲା। ୨୦୨୪ ଜାନୁଆରୀରେ ଭାରତ ମାଟିରେ

### ଭିନ୍ନ ଭିନ୍ନ ଟିମ୍ ବିପକ୍ଷରେ ପ୍ରଥମ ସାତ ଶତକ

ସେ ନିଜର ଅନ୍ୟତମ ଶ୍ରେଷ୍ଠ ଇନିଂସ୍ ଖେଳିଥିଲେ। ସେ ହାଇଦରାବାଦ ଠାରେ ଆୟୋଜକ ଟିମ୍ ବିପକ୍ଷରେ 196 ରନ୍ ସଂଗ୍ରହ କରିଥିଲେ। ୨୦୨୪ ଜୁଲାଇରେ ପୋପ୍ କ୍ୟାରିଅର୍‌ର ଷଷ୍ଠ ଟେଷ୍ଟ ଶତକ ଲଗାଇଥିଲେ। ସେ ନଟିଂହାମ୍ ଠାରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୨୧ ରନ୍‌ର ଇନିଂସ୍ ଖେଳିଥିଲେ। ଏବେ ତାଙ୍କ ଟେଷ୍ଟ ଶତକ ସଂଖ୍ୟା ସାତରେ ପହଞ୍ଚିଛି। ସେ ଛଅ ଭିନ୍ନ ଭିନ୍ନ ଭେନ୍ୟୁରେ ସାତ ଭିନ୍ନ ଭିନ୍ନ ଟିମ୍ ବିପକ୍ଷରେ ସାତ ଶତକ ହାସଲ କରିଛନ୍ତି।

ତେବେ ଅଷ୍ଟ୍ରେଲିଆ, ବାଂଲାଦେଶ, ଜିମ୍ବାୱେ ଓ ଆଫଗାନିସ୍ତାନ ବିପକ୍ଷରେ ସେ ଶତକ ହାସଲ କରି ନାହାନ୍ତି। ଅବଶ୍ୟ ଅଷ୍ଟ୍ରେଲିଆକୁ ଛାଡ଼ିଦେଲେ, ଏହି ତିନି ଟିମ୍ ବିପକ୍ଷରେ ସେ ଏ ଯାବତ ଖେଳି ନାହାନ୍ତି।

## ୟୁଏସ୍ ଓପନ୍ ପୁରୁଷ ଏକକ

# ଫାଇନାଲ୍‌ରେ ସିନର୍-ଫ୍ରିଜ୍

**ୟାରିସ୍, ୭।୯:** ବିଶ୍ୱର ଶୀର୍ଷ ମାନ୍ୟତାଧାରୀ ଜାନିକ୍ ସିନର୍ ଓ ୧୨ତମ ସିଡ୍ ଟେଲର୍ ଫ୍ରିଜ୍ ୟୁଏସ୍ ଓନ୍ ୁରୁଷ ଏକକର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଏଥର ୟୁଏସ୍ ଓପନ୍‌କୁ ନୂଆ ବିଜେତା ମିଳିବ। ସିନର୍ ପ୍ରଥମ ଇଟାଲୀୟ ପୁରୁଷ ଖେଳାଳି ଭାବେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ସ୍ଥାନ ପାଇଥିବା ବେଳେ ଫ୍ରିଜ୍‌ଙ୍କର ଏହା ପ୍ରଥମ ମେଜର୍ ଫାଇନାଲ୍ ହେବ। ଐତିହାସିକ ଉପଲବ୍ଧି ଥରେ ସିନର୍ ସେମିଫାଇନାଲ୍‌ରେ ୨୫ତମ ସିଡ୍ ଆମେରିକୀୟ ଜ୍ୟାକ୍ ଡ୍ରାପର୍‌ଙ୍କୁ ୭-୫, ୭-୫ (୭/୩), ୬-୨ ସିଧା ସେଟ୍‌ରେ ମାତ୍ ଦେଇଥିଲେ। ଅଷ୍ଟ୍ରେଲିଆନ୍ ଓନ୍ ବିଜେତା ସିନର୍ ମ୍ୟାଚ୍‌ରେ ୪୩ ୱିନର୍ ଲଗାଇଥିଲେ।

ମ୍ୟାଚ୍ ପରେ ସିନର୍ କହିଥିଲେ ଯେ ଡ୍ରାପର୍‌ଙ୍କୁ ହରାଇବା କଠିନ ଥିଲା। ତେଣୁ ସେ ଫାଇନାଲ୍‌ରେ ପହଞ୍ଚି ରୋମାଞ୍ଚିତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ଏ ଯାବତ ପ୍ରଭାବଶାଳୀ ପ୍ରଦର୍ଶନ କରିବା ଓ ପାଞ୍ଚ ରାଉଣ୍ଡ ମଧ୍ୟରେ ଗୋଟିଏ ବି ସେଟ୍ ନ ହାରିବା ସତ୍ତ୍ୱେ ଡ୍ରାପର୍ ଇଟାଲୀୟ ଟପ୍ ସିଡ୍‌ଙ୍କ ବିପକ୍ଷରେ ଚାପଗ୍ରସ୍ତ ହୋଇଯାଇଥିଲେ। ପ୍ରଥମ ଦୁଇ ସେଟ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା, ଏପରିକି ଦ୍ୱିତୀୟ ସେଟ୍ ଟାଇବ୍ରେକର୍‌କୁ ଯାଇଥିଲା; କିନ୍ତୁ ଡ୍ରାପର୍ ପ୍ରତିପକ୍ଷ ସିନର୍‌ଙ୍କୁ ହରାଇପାରି ନ ଥିଲେ।

ଦ୍ୱିତୀୟ ସେଟ୍‌ରେ ଏକ ନାଟକୀୟ ମୋଡ଼ ଦେଖିବାକୁ ମିଳିଥିଲା। ଡ୍ରାପର୍ ବାନ୍ତି କରିଥିଲେ ଏବଂ ସିନର୍ ତଳେ ପଡ଼ିଯାଇଥିଲେ, ଯେଉଁଥିପାଇଁ ତାଙ୍କ ବାମ ମଣିବନ୍ଧରେ ଆଘାତ ଲାଗିଥିଲା। ଉଭୟଙ୍କ ପାଇଁ ଚିକିତ୍ସା ଆବଶ୍ୟକ ପଡ଼ିଥିଲା। ସିନର୍ ଶୀଘ୍ର ଆରୋଗ୍ୟ ଲାଭ କରି ଟାଇବ୍ରେକର୍ ଜିତିଥିଲେ। ତୃତୀୟ ସେଟ୍ ଇଟାଲୀୟ ତାରକାଙ୍କ ପାଇଁ ଅପେକ୍ଷାକୃତ ସହଜସାଧ୍ୟ ଥିଲା, ଯେଉଁଠି ଡ୍ରାପର୍ କ୍ଲାନ୍ତ ଜଣାପଡୁଥିଲେ। ଅନ୍ୟ ଏକ ସେମିଫାଇନାଲ୍ ଦୁଇ ଆମେରିକୀୟ - ୧୨ତମ ସିଡ୍ ଟେଲର୍ ଫ୍ରିଜ୍ ଓ ୨୦ ତମ ସିଡ୍ ଫ୍ରାନ୍‌ସେସ୍ ଟିଆଫୋଙ୍କ ମଧ୍ୟରେ ଖେଳାଯାଇଥିଲା। ତେବେ ପାଞ୍ଚ ସେଟ୍‌ର ମୁକାବିଲା ପରେ ଫ୍ରିଜ୍ ବାଜିମାତ୍ କରିଥିଲେ।





ଫ୍ରିଜ୍ ୪-୬, ୭-୫, ୪-୬, ୬-୪, ୬-୧ ସ୍କୋର୍‌ଲାଇନ୍‌ରେ ମ୍ୟାଚ୍ ଜିତି ପ୍ରଥମ ଥର କୌଣସି ଗ୍ରାଣ୍ଡସ୍ଲାମ୍‌ର ଫାଇନାଲ୍ ଖେଳିବାର ସୁଯୋଗ ପାଇଛନ୍ତି। ଦର୍ଶକଭର୍ତ୍ତି ଆର୍ଥର ଆଶେ ଷ୍ଟାଡିୟମ୍ ଫ୍ରିଜ୍‌ଙ୍କ ଶକ୍ତିଶାଳୀ ସର୍ଭର ମୁକସାକ୍ଷୀ ହୋଇଥିଲା, ଯାହାକୁ ପୂରା ମ୍ୟାଚ୍‌ରେ ଏକ ପ୍ରମୁଖ ଅସ୍ତ୍ର ସାବ୍ୟସ୍ତ ହୋଇଥିଲା। ସେ ମ୍ୟାଚ୍‌ରେ ୧୬ ଏସ୍ ଲଗାଇଥିଲେ। ଭଲ ଆରମ୍ଭ ଏବଂ ତୃତୀୟ ସେଟ୍ ଶେଷ ସୁଦ୍ଧା ୨-୧ରେ ଆଗରେ ଥିବା ସତ୍ତ୍ୱେ ଟିଆଫୋ ନିଜ ପ୍ରଦର୍ଶନରେ ନିରନ୍ତରତା ବଜାୟ ରଖିପାରି ନ ଥିଲେ। ସେ ମ୍ୟାଚ୍‌ରେ ୫୦ ଅନ୍‌ଫୋର୍ସଡ୍ ଏରର୍ ଓ ୯ ଡବଲ୍ ଫଲ୍ଟ କରିଥିଲେ, ଯାହା ତାଙ୍କ ବିଜୟ ସମ୍ଭାବନାକୁ ଧୂଳିସାତ୍ କରିଥିଲା। ଅନ୍ୟପଟେ, ମ୍ୟାଚ୍ ଆଗକୁ ବଢ଼ିବା ସହିତ ଫ୍ରିଜ୍‌ଙ୍କ ପ୍ରଦର୍ଶନ ଦମ୍ଦାର ହୋଇଚାଲିଥିଲା, ବିଶେଷକରି ତୃତୀୟ ସେଟ୍ ପରେ ତାଙ୍କୁ ଅଟକାଇବା ସହଜ ନ ଥିଲା। ନିର୍ଣ୍ଣାୟକ ପଞ୍ଚମ ସେଟ୍ ଏକତରଫା ହୋଇଯାଇଥିଲା।

# ପନ୍ତଙ୍କ ଅର୍ଦ୍ଧଶତକ

## ଇଣ୍ଡିଆ-ବି ଦୃଢ଼ ସ୍ଥିତିରେ

**ବେଙ୍ଗାଲୁରୁ, ୭।୯:** ରିଷଭ ପନ୍ତଙ୍କ ୩୪ ବଲରୁ ଅର୍ଦ୍ଧଶତକ ବଳରେ ଦୁଲିପ ଟ୍ରଫି କ୍ରିକେଟର ଦ୍ୱିତୀୟ ମ୍ୟାଚରେ ଇଣ୍ଡିଆ-ବି ଦୃଢ଼ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଇନିଂସରେ ଇଣ୍ଡିଆ-ଏ'ଠାରୁ ୯୦ ରନରେ ଆଗୁଆ ଥିବା ଇଣ୍ଡିଆ-ବି' ଏହାର ଦ୍ୱିତୀୟ ଇନିଂସରେ ୫ ୱିକେଟ ହରାଇ ୧୪୦ ରନ ସଂଗ୍ରହ କରିବା ସହିତ ୨୦୦ ରନରୁ ଅଧିକ ଅଗ୍ରଣୀ ହାସଲ କରିଛି। ମାତ୍ର ୨୨ ରନରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିବା ବେଳେ ରିଷଭ ପନ୍ତ ଧୂଆଁଧାର ଅର୍ଦ୍ଧଶତକ ହାସଲ କରି ଦଳକୁ ବିପଦମୁକ୍ତ କରିଥିଲେ। ସେ ମାତ୍ର ୪୭ ବଲରୁ ୯ଟି ଚୌକା ଏବଂ ୨ଟି ଛକ୍କା ସହାୟତାରେ ୬୧ ରନ କରି ଆଉଟ ହୋଇଥିଲେ। ପନ୍ତଙ୍କ ବ୍ୟତିତ ସର୍ଫରାଜ ଖାନ ୪୬ ରନ ସଂଗ୍ରହ କରିଥିଲେ। ପୂର୍ବରୁ ଇଣ୍ଡିଆ-ଏ ଏହାର ପ୍ରଥମ ଇନିଂସରେ ୨୩୧ ରନରେ ଅଲ ଆଉଟ ହୋଇଥିଲା। ଇଣ୍ଡିଆ-ଏ ପକ୍ଷରୁ ଲୋକେଶ ରାହୁଲ ସର୍ବାଧିକ ୩୭ ରନ ସଂଗ୍ରହ କରିଥିଲେ। ଇଣ୍ଡିଆ-ବି ପକ୍ଷରୁ ନଭଦୀପ ସାଇନି ଓ ମୁକେଶ କୁମାର ୩ଟି ଲେଖାଏଁ ୱିକେଟ ଦଖଲ କରିଛନ୍ତି।



## 'ସୁଭଦ୍ରା' ରଥର ଶୁଭ ଉଦ୍‌ଘାଟନ

# ସୁଭଦ୍ରା ଯୋଜନା ହେବ ଆମ ଅସ୍ମିତାର ପରିଚୟ



**ଭୁବନେଶ୍ୱର, ୭।୯(ସଂଚାର ବ୍ୟୁରୋ):** ଆଗାମୀ ୧୭ ତାରିଖରେ ଆରମ୍ଭ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ସୁଭଦ୍ରା ଯୋଜନା। ମହିଳା ସଶକ୍ତିକରଣ କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ ଆଣିବ। ଏହି ଯୋଜନା ସମ୍ପର୍କରେ ରାଜ୍ୟବ୍ୟାପୀ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଆଜି ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗଠାରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଶେଷ ହିତାଧିକାରୀ ଅନ୍ତର୍ଭୁକ୍ତ ନ ହେବା ଯାଏଁ ପଞ୍ଜୀକରଣ ଚାଲିବ

ସୁଭଦ୍ରା

ମୁଖ୍ୟମନ୍ତ୍ରୀ ଏହି ଅବସରରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ନିଜର ସ୍ୱପ୍ନ ପୂରଣ ପାଇଁ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କୁ ସ୍ୱୀକୃତି ଦେବା ହେଉଛି ଆମର ଏହି ସୁଭଦ୍ରା ଯୋଜନାର ମୂଳ ଲକ୍ଷ୍ୟ। ଏହା କେବଳ ଏକ ସରକାରୀ ଯୋଜନା ନୁହେଁ, ଏହା ଆମ ଅସ୍ମିତାର ପରିଚୟ ହେବ। ପ୍ରତ୍ୟେକ ମା ଓ ଭଉଣୀ ମାନଙ୍କର ମନକୁ ବୁଝି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତିକୁ ପୂରଣ କରିବ। ଯୋଜନାର ସୁଫଳ ସମ୍ପର୍କରେ ସମଗ୍ର ରାଜ୍ୟର ମହିଳା ମାନଙ୍କୁ ସଚେତନ କରିବ ଏହି ସୁଭଦ୍ରା ରଥ। ରାଜ୍ୟର ସମସ୍ତ ମହିଳାଙ୍କ ସ୍ୱପ୍ନ ଓ ଆକାଂକ୍ଷା ପୂରଣ ଦିଗରେ ଏହା ହେଉଛି ଆମ ସରକାରଙ୍କ ଏକ ନିଷ୍ଠାପର ଉଦ୍ୟମ। କୌଣସି ଯୋଗ୍ୟ ମହିଳା ଯେପରି ଏହି ଯୋଜନାରୁ ବାଦ୍ ନ ପଡନ୍ତି ତାହାକୁ ମଧ୍ୟ ପ୍ରାଥମିକତା ଦିଆଯିବ ବୋଲି ସେ କହିଥିଲେ।

ସେହିପରି ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି, ସୁଭଦ୍ରା ଭଳି ଏକ ଯୁଗାନ୍ତକାରୀ ଯୋଜନା ପରିକଳ୍ପନା କରିଥିବାରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସେ କହିଛନ୍ତି, ସରକାରକୁ ଆସିବାର କିଛି ସମୟ ମଧ୍ୟରେ କ୍ୟାବିନେଟ୍‌ରେ ସୁଭଦ୍ରା ଯୋଜନା ପାସ୍ ହେଲା। ପ୍ରତିଶ୍ରୁତିକୁ ପ୍ରତିବଦ୍ଧତାରେ ପରିଣତ କରାଯାଇ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ସୁଭଦ୍ରା ରଥ ସମସ୍ତଙ୍କୁ ଏହି ଯୋଜନା ବିଷୟରେ ସଚେତନ କରିବ। ଶେଷ ହିତାଧିକାରୀ ଯୋଜନାରେ ଅନ୍ତର୍ଭୁକ୍ତ ନ ହେବା ପର୍ଯ୍ୟନ୍ତ ପଞ୍ଜୀକରଣ ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଥିଲେ।

ଏହି ଅବସରରେ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ ହୋଇଥିବା ବେଳେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ସୁଭଦ୍ରା ସଚେତନତା ସଂଗୀତ ମଧ୍ୟ ଲୋକାର୍ପଣ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇଥିଲେ।

## ୨ ବାଳକଙ୍କୁ ଚାପିଦେଲା ଟ୍ରକ

**କୋରାପୁଟ, ୭।୯(ସଂଚାର ବ୍ୟୁରୋ):** ଟ୍ରକ୍‌କୁ ଓଭର ଟେକ୍ କରୁଥିଲେ ଦୁଇ ଜଣ ନାବାଳକ। ଦୁର୍ଭାଗ୍ୟକୁ ଭାରସାମ୍ୟ ହରାଇ ଟ୍ରକ୍ ଚକା ତଳେ ଚାପି ହୋଇଗଲେ। ଶନିବାର ଅପରାହ୍ଣରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା କୋରାପୁଟ ଟାଉନ୍‌ରେ ଘଟିଛି। କୋରାପୁଟରୁ ସୁନାବେଡା ଅଭିମୁଖେ ଯାଉଥିଲା ଏକ ଟ୍ରକ୍। ଆଉ ଟ୍ରକ୍ ପଛେ ପଛେ ବାଇକ୍‌ରେ ଯାଉଥିଲେ ଦୁଇ ଜଣ ନାବାଳକ। ସଦର ଥାନା ରେଳ ଓଭର ବ୍ରିଜ୍ ନିକଟରେ ନାବାଳକ ଦୁଇ ଜଣ ଟ୍ରକ୍‌କୁ ଓଭର ଟେକ୍ କରିବାକୁ ଚେଷ୍ଟା କରୁଥିଲେ। ହେଲେ ଭାରସାମ୍ୟ ହରାଇ ପଡ଼ି ଯାଇ ପଛ ଚକ ତଳେ ଚାପି ହୋଇଯାଇଥିଲେ। ଘଟଣା ସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ଘଟଣା ସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ୍ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଦୁର୍ଘଟଣା ପରେ ଚାଳକ ଟ୍ରକ୍ ଛାଡ଼ି ପଳାଇ ଯାଇଛି। ମୃତ ବାଳକଙ୍କ ଭିତରୁ ଜଣଙ୍କ ଘର ସିନେମା ହଲ ନିକଟସ୍ଥ ସାହିରେ ହୋଇଥିବା ବେଳେ ଅନ୍ୟ ଜଣଙ୍କ ଘର କେଉଁଠି ଜଣାପଡ଼ି ନାହିଁ। ପୁଲିସ ଟ୍ରକ୍ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ଟ୍ୱିନ୍ ସିଟି କ୍ରାଇମ୍

### ବସରୁ ଦାଦାବଟି ଆଦାୟ: ୩ ଗିରଫ

**ଭୁବନେଶ୍ୱର, ୭।୯( ସଂଚାର ବ୍ୟୁରୋ):** ଜୟଦେବ ବାଟିକା ଛକରେ ଏକ ଘରୋଇ ବସରୁ ଜୋରଜବରଜସ୍ତ ଦାଦାବଟି ଆଦାୟ କରୁଥିବା ଅଭିଯୋଗ । ଅଭିଯୋଗ ପରେ ୩ ଜଣ ଦାଦାକୁ ଗିରଫ କଲା ଭରତପୁର ଥାନା ପୁଲିସ । ଗିରଫ ୩ ଅଭିଯୁକ୍ତ ହେଲେ, ଭରତପୁର ଆୟୁରବେଦୀ ରୋଡ ଅଞ୍ଚଳର ସପନୀ ମଙ୍ଗରାଜ, ନୟାପଲ୍ଲୀ ଗଡ଼ସାହିର ଜିତୁ ନାୟକ ଓ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ହୃର୍ସିକେଶ ଜେନା । ସେମାନଙ୍କ ଠାରୁ ୨୪୦୦ ଟଙ୍କା ଓ ୧୦ଟି ପିଙ୍କ୍ ରଙ୍ଗର ଟକେଟ୍ ବହି ଜବତ କରାଯାଇଛି । ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସୂଚନା ଯୋଗ୍ୟଯେ, ଗତ ୬ ତାରିଖ ଅପରାହ୍ଣ ସମୟରେ ଅଭିଯୋଗକାରୀ ପିକୁ ସାହୁ ତାଙ୍କ ବସ ଟିକୁ ଜୟଦେବ ବାଟିକା ଅଞ୍ଚଳରେ ପାର୍କ କରିଥିବା ବେଳେ, ୩ ଅଭିଯୁକ୍ତ ସେଠାରେ ପହଞ୍ଚି ୨୦୦ ଟଙ୍କା ଦାଦାବଟି ମାଗିଥିଲେ । ହେଲେ ଅଭିଯୋଗକାରୀ ଦାଦାବଟି ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରି ହତ୍ୟା ଧମକ ଦେଇଥିଲେ । ଏନେଇ ଅଭିଯୋଗକାରୀ ଭରତପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

### ଲୁଟେରା ଗିରଫ: ମୋବାଇଲ ଜବତ

ଘରେ ସୋଇଥିବା ସମୟରେ ଘର ଭିତରେ ପଶି ମୋବାଇଲ ଚୋରି ଅଭିଯୋଗରେ ଲୁଟେରାକୁ ଗିରଫ କଲା ଭରତପୁର ଥାନା ପୁଲିସ । ତାଠାରୁ ଏକ ମୋବାଇଲ ଜବତ କରାଯାଇଛି । ଗିରଫ ଲୁଟେରା ହେଲା, ଭରତପୁର ବସ୍ତିର ମନୋଜ ସାହୁ । ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଯୋଗ୍ୟ, ଅଗଷ୍ଟ ମାସ ୪ ତାରିଖ ଅପରାହ୍ଣରେ ଅଭିଯୋଗକାରିଣୀଙ୍କ ସ୍ୱାମୀ ଘରେ ସୋଇଥିବା ସମୟରେ ଲୁଟେରା ଜଣକ ଘରେ ପଶି ମୋବାଇଲ ଚୋରି କରି ଫେରାର ହୋଇଯାଇଥିଲା । ପରେ ଅଭିଯୋଗକାରିଣୀ ତାଙ୍କ ସ୍ୱାମୀଙ୍କ ମୋବାଇଲ ଚୋରି ହୋଇଥିବା ଜାଣିପାରି ସେ ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଲୁଟେରାକୁ ଗିରଫ କରିଛି । ପରେ ତାଠାରୁ ଏକ ମୋବାଇଲ ମଧ୍ୟ ଜବର କରାଯାଇ କୋର୍ଟ ଚାଲାଣ କରାଯାଇଛି ।

### ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରି ଯୁବକ ଗିରଫ

ବିବାହ କରିବାକୁ ଯୁବତୀ ମନା କରିବାରୁ ତାଙ୍କର ଅଶ୍ଳୀଳ ଫଟୋଓ ଭିଡ଼ିଓକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିବା ପଡ଼ିଲା ମହଙ୍ଗା । ଥାନାରେ ଅଭିଯୋଗ ପରେ ଅଭିଯୁକ୍ତକୁ ବାନ୍ଧିଲା ନୟାପଲ୍ଲୀ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଲା, କଟକ ଜିଲ୍ଲା ନିଆଳିର ବାଦଲ ଦାସ । ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ଯୋଗ୍ୟଯେ, ପୂର୍ବରୁ ଅଭିଯୋଗକାରିଣୀ ନୟାପଲ୍ଲୀ ଅଞ୍ଚଳରେ ରହିବା ସହ ଅଭିଯୁକ୍ତଙ୍କ ସହିତ ପ୍ରେମ ସମ୍ପର୍କ ଥିବା ବେଳେ ଅଭିଯୁକ୍ତ ପିଡ଼ିତାଙ୍କ କିଛି ବ୍ୟକ୍ତିଗତ ଫଟୋ ଭିଡ଼ିଓ ଆଦି ନିଜ ମୋବାଇଲରେ ଉଠାଇ ରଖିଥିଲେ । ଏହାର କିଛିଦିନ ପରେ ପାରିବାରିକ ବିବାଦ ଯୋଗୁଁ ପୀଡ଼ିତା ତାଙ୍କ ସହିତ କୌଣସି ସମ୍ପର୍କ ରଖିନଥିଲେ । ଏହି ସମୟରେ ଅଭିଯୁକ୍ତ ବାଦଲ ଏହାର କିଛିଦିନ ପରେ ଅଭିଯୋଗକାରିଣୀଙ୍କୁ ଦେଖା କରିବାକୁ ଡାକିଥିଲେ ମଧ୍ୟ ସେ ଆସିନଥିଲେ । ଯାହାକୁ ନେଇ ଅଭିଯୁକ୍ତ ରାଗରେ ପୀଡ଼ିତାଙ୍କ ଗୁପ୍ତ ଅବା ଅଶ୍ଳୀଳ ଭିଡ଼ିଓ ଓ ଫଟୋକୁ ସୋସିଆଲ ମିଡ଼ିଆରେ ପ୍ରସାରଣ କରିଥିଲେ। ଏହି ଘଟଣା ଜାଣିବା ପରେ ଅଭିଯୋଗକାରିଣୀ ଗତ ୬ ତାରିଖ ଦିନ ନୟାପଲ୍ଲୀ ଥାନାକୁ ଯାଇ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରିବା ସହ ତାଠାରୁ ମୋବାଇଲ ଫୋନ୍ ଜବତ କରିଛି ।

### ସ୍ତ୍ରୀକୁ ଆକ୍ରମଣକରି ସ୍ୱାମୀ ଗିରଫ

ଶଶୁର ଘରୁ ନିଜ ଛୁଆକୁ ନେଇ ଭୁବନେଶ୍ୱର ଚାଲିଆସିଥିବା ଛୁଆକୁ ଫେରାଇବାକୁ ସ୍ୱାମୀ ଘରକୁ ଆସି ସ୍ତ୍ରୀ ମାଗିବାରୁ ବାଇକ ଚାବିରେ ମରଣାନ୍ତକ ଆକ୍ରମଣ କଲା ସ୍ୱାମୀ । ଏନେଇ ଥାନାରେ ଅଭିଯୋଗ ପରେ ଭରତପୁର ଥାନା ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲା, ଫୁଲେଶ୍ୱରୀ ବସ୍ତିର ବୃନ୍ଦାବନ ସେଠୀ ।

ସୂଚନା ଯୋଗ୍ୟଯେ, ଅଭିଯୋଗକାରିଣୀ ଓ ଅଭିଯୁକ୍ତ ପରସ୍ପର ସ୍ୱାମୀ ସ୍ତ୍ରୀ ହୋଇଥିବା ବେଳେ, ଅର୍ଥଲାଗି ଉଭୟଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା । ଉଭୟଙ୍କ ଦୁଇଟି ସନ୍ତାନ ଥିବା ବେଳେ ଅଭିଯୁକ୍ତ କୌଣସି ଭରଣ ପୋଷଣ ଦେଉନଥିବାରୁ ଅଭିଯୋଗକାରିଣୀ ଦୁଇ ଛୁଆଙ୍କୁ ନେଇ ନିଜ ବାପା ଘରେ ରହୁଥିଲେ । ଏହି ସମୟରେ ଅଭିଯୁକ୍ତ ଶଶୁର ଘର ନିକଟ ତା ଭଉଣୀ ଘରକୁ ଯାଇ ସେଠାରୁ କାହାକୁ କିଛି ନକହି ଝିଅକୁ ସାଙ୍ଗରେ ନେଇ ଭୁବନେଶ୍ୱର ଚାଲିଆସିଥିଲା। ହେଲେ ଆଉ ସ୍ତ୍ରୀ ପାଖକୁ ଛାଡିନଥିଲା। ଯାହାକୁ ନେଇ ଅଭିଯୋଗକାରିଣୀ ସ୍ୱାମୀ ଘରକୁ ଆସି ତାଙ୍କ ଝିଅକୁ ଦେବାକୁ କହିଥିଲେ। ଏହି ସମୟରେ ଉଭୟଙ୍କ ଭିତରେ ଝଗଡା ଆରମ୍ଭ ହୋଇଥିଲା । ଏତିକି ବେଳେ ଅଭିଯୁକ୍ତ ସ୍ୱାମୀ ତା ବାଇକ ଚାବିରେ ସ୍ତ୍ରୀର ମୁହକୁ ଓ ଦେହକୁ ବାରମ୍ବାର ଆକ୍ରମଣ କରିଥିଲା। ଯାହାଫଳରେ ଅଭିଯୋଗକାରିଣୀ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ହସ୍ପିଟାଲକୁ ପଠାଇବା ପରେ ସେ ସୁସ୍ଥ ହୋଇ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ସ୍କୁଲ ଦେବ ଛାତ୍ରଛାତ୍ରୀଙ୍କ ଅନ୍‌ଲାଇନ୍ ତଥ୍ୟ

**ଭୁବନେଶ୍ୱର,୭।୯ (ସଂଚାର ବ୍ୟୁରୋ):** ଏଣିକି ସ୍କୁଲ ଦେବ ଯୁକ୍ତ ଦୁଇ ନାମଲେଖା ପାଇଁ ଷ୍ଟୁଡେଣ୍ଟ ଆକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ ବା ସାମ୍ସରେ ଛାତ୍ରଛାତ୍ରୀଙ୍କ ତଥ୍ୟ। ନବମ ପଢିଥିବା ପିଲାମାନଙ୍କ ଅନଲାଇନ ପଞ୍ଜିକରଣ ବ୍ୟବସ୍ଥା ଅଛି। ଏଥିରେ ବାପା, ମାଆଙ୍କ ନାଁ, ଜନ୍ମ ତାରିଖ ପରି ତଥ୍ୟ ପୋର୍ଟାଲରେ ଅପଲୋଡ଼ ହେବ। ଦଶମ ପରୀକ୍ଷାରେ ଏହି ତଥ୍ୟ ପୁଣି ରହିବ। ସାର୍ଟିଫିକେଟ ପାଇବା ସମୟରେ ଏହି ତଥ୍ୟ ସବୁ ସାମସକୁ ସ୍କୁଲ ଦେବ। ଫଳରେ ଯୁକ୍ତ ଦୁଇ ନାମଲେଖା ପାଇଁ ସୁବିଧା ହେବ। ଏଥି ପାଇଁ ନବମରୁ ହିଁ ଛାତ୍ରଛାତ୍ରୀମାନଙ୍କୁ ସବୁ ଠିକ ତଥ୍ୟ ଦେବାକୁ ପଡିବ।

ଆଜି ଉଚ୍ଚ ମାଧ୍ୟମିକ ପରିଷଦ (ସି. ଏଚ.ଏସ.ଇ) ର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପୋଲିସ ନିଯୁକ୍ତି ବୋର୍ଡର ଅଧ୍ୟକ୍ଷ ତଥା ଅଗ୍ନିଶମ ବାହିନୀର ପୂର୍ବତନ ମହାନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରିଷଦର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହ ସରକାରୀ ବିଦ୍ୟାଳୟରେ ଅଧିକରୁ ଅଧିକ ନାମ ଲେଖାଇବା ପାଇଁ ଉତ୍ସାହିତ କରିଥିଲେ । ଏଥିସହ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦେଇ ସୃଜନଶୀଳ କାର୍ଯ୍ୟକଳାପ ଯଥା ପରିବେଶ ସୁରକ୍ଷା, କ୍ରୀଡ଼ା, ସଙ୍ଗୀତ, ବ୍ୟାୟାମ ଆଦିକୁ ପ୍ରୋତ୍ସାହିତ କରିଛନ୍ତି ମୁଖ୍ୟ ଅତିଥି।

SAMS Student Academic Management System

ଅନ୍ୟପକ୍ଷେ ସମାରୋହରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ଓ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଶ୍ରୀ ଶ୍ରୀକାନ୍ତ କୁମାର ତରାଇ ଯୋଗ ଦେଇଥିଲେ । ଜାତୀୟ ଶିକ୍ଷା ନୀତି- ୨୦୨୦ ସମ୍ପର୍କରେ ଆଲୋଚନା କରି ଶ୍ରୀମତୀ ନନ୍ଦ କହିଥିଲେ ଯେ ନିଜ ଆଗ୍ରହ ମୁତାବକ ବିଷୟ ବାଛି ପିଲାମାନେ ପଢ଼ିପାରିବେ ଏବଂ ନୂତନ ପଦ୍ଧତିକୁ ଆପଣେଇ ନିଜ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ସୁଯୋଗ ପାଇବେ । ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ଶ୍ରୀ ତରାଇ ଧନ୍ଦାମୂଳକ ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରିଥିଲେ । ବିଦ୍ୟାଳୟସ୍ତରରୁ ତୃତୀୟ ଭାଷାରେ ଧନ୍ଦାମୂଳକ ଶିକ୍ଷାକୁ ବାଛି ପାରିବାର ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ । ଅଧିକରୁ ଅଧିକ ଧନ୍ଦାମୂଳକ ବିଷୟରୁ ଜ୍ଞାନ ଆହରଣ କରିବାକୁ ଶ୍ରୀ ତରାଇ ଆହ୍ୱାନ କରିଥିଲେ।

ପରିଷଦର ଅଧ୍ୟକ୍ଷ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସର୍ବପ୍ରଥମେ ସ୍ୱାଗତ ଅଭିଭାଷଣ ରଖି ସି.ଏଚ.ଏସ.ଇର ଭୂମିକା ସମ୍ପର୍କରେ ଜରୁରୀ ତଥ୍ୟ ଉପସ୍ଥାପନା କରିଥିଲେ। ପରୀକ୍ଷା ପରିଚାଳନାରେ ସଫଳତା, ପାଠ୍ୟକ୍ରମରେ ପରିବର୍ତ୍ତନ, ଜାତୀୟ ସେବା ଯୋଜନା (ଏନ.ଏସ.ଏସ) ସ୍ୱେଚ୍ଛାସେବୀଙ୍କ ସାମାଜିକ କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପରେ ପରେ ପରିଷଦ ସଚିବ ଶ୍ରୀମତୀ ଶୁଭ୍ରାବାଳା ବେହେରା ପରିଷଦର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।

## ଉବେର ଚାଳକଙ୍କୁ ମାଡ଼ମାରି କାର୍ ଲୁଟିଥିଲେ

# ୧୧ ଦିନ ପରେ ଧରାପଡ଼ିଲେ ୨ ଅଭିଯୁକ୍ତ

**ଭୁବନେଶ୍ୱର, ୭।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଉବେରରୁ କାର୍ ବୁକିଂ କରିଥିଲେ। ଢେଙ୍କାନାଳ ଜଙ୍ଗଲରେ ଚାଳକକୁ ମାଡ଼ ମାରି ଫିଙ୍ଗି ଦେବା ସହ କାର୍ ନେଇ ଚମ୍ପଟ ମାରିଥିଲେ। ଘଟଣାର ପ୍ରାୟ ୧୧ ଦିନ ପରେ ପୁଲିସ୍ କାର ଜବତ କରିବା ଦୁଇ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ଭୁବନେଶ୍ୱର କଳିଙ୍ଗ ନଗର ଅଞ୍ଚଳର।

ଗତ ୧୩ ତାରିଖରେ ଭୁବନେଶ୍ୱର ଏମ୍‌ସ ନିକଟ କୋଳଥିଆରୁ ଉବେର ବୁକିଂ ପାଇଥିଲେ ବଳରାମ ପ୍ରଧାନ। ୩ ଜଣ ଯୁବକ ଢେଙ୍କାନାଳ ଜିଲ୍ଲା ରାଧାଦେଈପୁର ଯିବା ପାଇଁ ବୁକିଂ କରିଥିଲେ। ୩ ଜଣ ଯୁବକଙ୍କୁ ଧରି ରାଧାଦେଈପୁର ବାହାରିଥିଲେ ବଳରାମ। ଆଠଗଡ଼ କାଳିଆ ମାଟିହାଣ୍ଡି ଚାହା ଦୋକାନରେ ଅଟକି ଥିଲେ। ସେଠାରେ ସମସ୍ତେ ଚାହା ପିଇଥିଲେ। ତା'ପରେ ସମସ୍ତେ ଗନ୍ତବ୍ୟ ସ୍ଥଳକୁ ଯାଉଥିଲେ। ଆଉ ଅଳ୍ପବାଟ ଥିଲା। ହେଲେ ତା' ପୂର୍ବରୁ ଜଙ୍ଗଲ ଭିତରେ ପରିସ୍ରା ବାହାନାରେ ଗାଡ଼ି ଅଟକାଇବାକୁ କହିଥିଲେ ୩ ଯୁବକ। ଯୁବକମାନେ ପରିସ୍ରା କରି ଆସିବା ପରେ ବଳରାମଙ୍କ ବେକରେ ଛୁରି ଲଗାଇ ଧମକ ଦେବା ସହିତ ନିସ୍ତୁକ ମାଡ଼ ମାରି ଗାଡ଼ି ନେଇ ପଳାଇ ନେଇଥିଲେ। ଆଉ ଗଲାବେଳେ ବଳରାମଙ୍କ ୨ ମୋବାଇଲ, ମନିପର୍ସ ଓ ସୁନା ମୁଦିକୁ ନେଇଯାଇଥିଲେ ଦୁର୍ବୃତ୍ତ।

ଅନ୍ଧାର ରାତିରେ କଷ୍ଟେମଷ୍ଟେ ଜଙ୍ଗଲ ଭିତରୁ ଜୀବନ ବଞ୍ଚାଇ ରାଧାଦେଈପୁରରେ ପହଞ୍ଚିଥିଲେ ବଳରାମ ଓ ଲୋକଙ୍କ କବାଟ ବାଡ଼େଇ ଥିଲେ। ହେଲେ କେହି ଖୋଲି ନ ଥିଲେ। ଜଣେ ବ୍ୟକ୍ତି କବାଟ ଖୋଲିବାରୁ ତାଙ୍କୁ ସବୁ କଥା କହିବା ପରେ ସେ ଗାଁ ଲୋକଙ୍କୁ ଡାକିଥିଲେ। ସେହି ରାତିରେ ଜଙ୍ଗଲ ଆଖପାଖ ଅଞ୍ଚଳରେ ଖୋଜା ଖୋଜି କରିଥିଲେ। ହେଲେ କାର୍‌ର ନାମ ଗନ୍ଧ ପାଇନ ଥିଲେ। ୧୪ ତାରିଖରେ ଗାଁ ଲୋକଙ୍କ ସହ ବଳରାମ ଗଁଦିଆ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଠାରୁ କିଛି ଟଙ୍କା ନେଇ ଘରକୁ ଫେରିଥିଲେ। ଗଁଦିଆ ପୋଲିସ ୨ ଲୁଟେରା ରାଜେଶ କୁମାର ନାଥ ଓ ସୁମନ୍ତ ନାଥଙ୍କୁ ଧରିବାରେ ସଫଳ ହୋଇଛି। ଜଣେ ଫେରାର ରହିଛି। ଗିରଫ ଅଭିଯୁକ୍ତଙ୍କ ଘର ଭୁବନେଶ୍ୱର କଳିଙ୍ଗ ନଗର ଅଞ୍ଚଳର। କାର୍ ମଧ୍ୟ ଉଦ୍ଧାର ହୋଇଛି।

## ୩ ମାସରେ ପୂରଣ ହେବ ୨ ହଜାର ଫରେଷ୍ଟଗାର୍ଡ ପଦ

**ଭୁବନେଶ୍ୱର, ୭।୯( ସଂଚାର ବ୍ୟୁରୋ):** ୩ ମାସରେ ପୂରଣ ହେବ ୨ ହଜାର ଫରେଷ୍ଟ ଗାର୍ଡ ପଦବୀ। ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କେନ୍ଦୁଝରରେ ସୁଭଦ୍ରା ରଥର ଶୁଭାରମ୍ଭ ଅବସରରେ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ୩ ହଜାର ଫରେଷ୍ଟ ଗାର୍ଡ ପଦବୀ ଖାଲିପଡ଼ିଛି। ୨ ହଜାର ପଦବୀ ପୂରଣ ପାଇଁ ପ୍ରସ୍ତୁତି ଚାଲିଥିବା ସେ କହିଛନ୍ତି। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସୁଭଦ୍ରା ସଚେତନତା ରଥ ଗଡ଼ିଛି। ଓଡ଼ିଶା ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ମନ୍ତ୍ରୀ, ଗଣେଶରାମ ସିଂହ ଖୁଣ୍ଟିଆ ଯୋଗ ଦେଇ ପତାକା ହଲାଇ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ନାୟକ, ଜିଲାପାଳ ବିଶାଳ ସିଂହ, ଡିଏଫ୍‌ଓ ଧନରାଜ ଏଚ. ଡିଙ୍କ ସମେତ ବହୁ ବିଶିଷ୍ଟ ଲୋକ, ମହିଳା ସଦସ୍ୟା, ଭାଜପା ଦଳର ନେତା ଉପସ୍ଥିତ ଥିଲେ । ଏହି ରଥ ବିଭିନ୍ନ ବ୍ଲକର ଗାଁଗଣ୍ଡା ବୁଲି ଲୋକଙ୍କୁ ସୁଭଦ୍ରା ଯୋଜନା ବିଷୟରେ ସଚେତନ କରିବ।

## ଲକ୍ଷାଧିକ ଟଙ୍କା ସହ ଧରାପଡ଼ିଲେ ନୂଆପଡ଼ା ଏମ୍‌ଭିଆଇ



**ଖୋର୍ଦ୍ଧା, ୭।୯(ସଂଚାର ବ୍ୟୁରୋ):** ସ୍ଥାନୀୟ ହସ୍ପିଟାଲ ଛକରେ ନୂଆପଡ଼ା ଏମ୍‌ଭିଆଇ ବିଜୟ କୁମାର ବେହେରାଙ୍କୁ ଧରିଛି ଭିଜିଲାନ୍ସ। ତାଙ୍କଠାରୁ ୧.୩୨ ଲକ୍ଷ ଟଙ୍କା ଜବତ କରାଯାଇଛି। ବିଜୟ ନୂଆପଡ଼ାରୁ ଟଙ୍କା ଧରି ଭୁବନେଶ୍ୱର ଆସୁଥିବା ଖବର ପାଇ ଭିଜିଲାନ୍ସ ଟିମ୍ ଖୋର୍ଦ୍ଧାରେ ଜଗିଥିଲା। ହସ୍ପିଟାଲ ଛକରେ ଗାଡ଼ି(ଓଡି-୩୩-ଏସି-୨୦୩୦) ସହିତ ତାଙ୍କୁ ଧରିଥିଲା। ଗାଡ଼ି ସହିତ ତାଙ୍କଠାରୁ ୧.୩୨ ଲକ୍ଷ ଟଙ୍କା ଜବତ କରାଯାଇଛି। ସେ ଏହି ଟଙ୍କାର ହିସାବ ଦେଇପାରି ନ ଥିବା କୁହାଯାଉଛି। ଏହାପରେ ବେଆଇନ ସଂପତ୍ତି ଠୁଳ ଅଭିଯୋଗରେ ବିଜୟଙ୍କ ୫ ଠିକଣାରେ ରେଡ୍ କରିଛି ଭିଜିଲାନ୍ସ।

## ସାତକୋଶିଆକୁ ଜଗିବେ ବାଘ ସୁରକ୍ଷା ବାହିନୀ

**ଭୁବନେଶ୍ୱର, ୭।୯( ସଂଚାର ବ୍ୟୁରୋ):** ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ମହାବଳ ବାଘ ଛାଡ଼ିବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଚାଲିଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନଟିସିଏ) ୧୫ଟି ସର୍ତ୍ତରେ ଅନୁମତି ପ୍ରଦାନ କରିଥିବାରୁ ବନ ବିଭାଗ ଗୋଟିଏ ପରେ ଗୋଟିଏ ସର୍ତ୍ତ ପୂରଣ କରୁଛି। ଅଭୟାରଣ୍ୟର କୋର୍ ଏରିଆରୁ ଇତିମଧ୍ୟରେ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରାଯିବା ସହ ବନ୍ୟଜନ୍ତୁଙ୍କ ସଂଖ୍ୟା ବୃଦ୍ଧି ଦିଗରେ ପଦକ୍ଷେପ ନିଆଯାଇଛି।

ନନ୍ଦନକାନନରେ ପ୍ରାଣୀ ଉଦ୍ୟାନରେ ଥିବା ପ୍ରାୟ ୨୦୦ ହରିଣ, କୁଟୁରା, ସମ୍ବରଙ୍କୁ ସାତକୋଶିଆର କୋର୍ ଏରିଆକୁ ସ୍ଥାନାନ୍ତର କରାଯିବ। ତା ପୂର୍ବରୁ ସାତକୋଶିଆ ଅଭୟାରଣ୍ୟରେ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିପିଏଫ୍) ନିୟୋଜିତ ହୋଇଛନ୍ତି। ଏବେ ସେମାନଙ୍କୁ ଅଭୟାରଣ୍ୟର ଟୁଲୁକାଠାରେ ତାଲିମ ଦିଆଯାଉଛି। ବନ କର୍ମଚାରୀ ଓ ଅବସରପ୍ରାପ୍ତ ସୈନିକଙ୍କୁ ମିଶାଇ (ଏସ୍‌ଟିପି୍‌ଏଫ୍)ରେ ୩୦ ଜଣ ସଦସ୍ୟ ରହିଛନ୍ତି। ଜଙ୍ଗଲ ଭିତରେ କିଭଳି ଭାବେ ବୁଲିବେ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ନିୟୋଜିତ ହେବେ ସେନେଇ ଅବସରପ୍ରାପ୍ତ ସୈନିକଙ୍କ ଦ୍ୱାରା ତାଲିମ ଦିଆଯାଉଛି।

## ବାଇକ୍ ଧକ୍କାରେ ଆଖି ବୁଜିଲେ ଦୁଇ ପଥଚାରୀ



**ନୟାଗଡ଼, ୭।୯ (ସଂଚାର ବ୍ୟୁରୋ):** ଦ୍ରୁତ ଗତି ଆଣିଲା ମହା ବିପତ୍ତି । ଦ୍ରୁତ ଗତିରେ ଆସୁଥିବା ଜଣେ ବାଇକ୍ ଚାଳକ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଦୁଇ ଜଣଙ୍କୁ ଦେଲେ ଧକ୍କା। ଏହି ଦୁର୍ଘଟଣାରେ ଦୁଇ ପଥଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ୍ ଚାଳକଙ୍କ ଅବସ୍ଥା ଗୁରୁତର ରହିଛି। ଏପରି ଏକ ଦୁର୍ଘଟଣା ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଡିହଗାଁ ଛକରେ ଗତ ରାତିରେ ଘଟିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ରାସ୍ତା ଉପରେ ମୃତକଙ୍କ ହାତଗୋଡ଼ ଛିଣ୍ଡି ପଡ଼ିଛି। ମୃତକଦ୍ୱୟ ହେଲେ ଡିହଗାଁ ଗ୍ରାମର ସୁଦର୍ଶନ ପ୍ରଧାନ ଏବଂ ଡିଗିରି ଗ୍ରାମର ଶୁକ୍ର ବାଜୁ । ଗୁରୁତର ବାଇକ୍ ଚାଳକଜଣକ ହେଲେ ମଧ୍ୟଖଣ୍ଡ ଗ୍ରାମର ଦିବ୍ୟଜ୍ୟୋତି ପଣ୍ଡା । ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଦିବ୍ୟଜ୍ୟୋତି ପଣ୍ଡା ଦଶପଲ୍ଲାରୁ ଦ୍ରୁତ ଗତିରେ ବାଇକ୍ ଚଳାଇ ଆସିଥିଲେ। ଡିହଗାଁ ଛକରେ ସେ ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଛିଡା ହୋଇଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିଲା। ବାଇକ୍ ଚାଳକ ଏବଂ ଅନ୍ୟ ଜଣେ ଆହତଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ପଥଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ବାଇକ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଡିହଗାଁ ଛକରେ ରାସ୍ତା ଉପରେ ଶବ ରଖି ମୃତକଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରି ଦଶପଲ୍ଲା ଗଣିଆ ରାସ୍ତାକୁ ଅବରୋଧ କରିଥିଲେ । ଖବର ପାଇ ଦଶପଲ୍ଲା ପୁଲିସ ଏବଂ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ମୃତଦେହଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏଥିସହ କେଉଁ ଭଳି ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଲା ଦଶପଲ୍ଲା ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

## ତୁହିନକାନ୍ତ କେନ୍ଦ୍ର ଅର୍ଥ ସଚିବ



**ଭୁବନେଶ୍ୱର (ସଂଚାର ବ୍ୟୁରୋ):** କେନ୍ଦ୍ର ଅର୍ଥ ସଚିବ ହେଲେ ୧୯୮୭ ବ୍ୟାଚର ଆଇଏଏସ ଅଫିସର ତୁହିନକାନ୍ତ ପାଣ୍ଡେ। ଏ ସଂପର୍କରେ ଆଜି କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପଂଜାବ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ପାସ କରିଥିବା ତୁହିନକାନ୍ତ ରାଜ୍ୟ ଓ କେନ୍ଦ୍ରରେ ବିଭିନ୍ନ ପଦପଦବୀରେ ସଫଳତାର କାମ କରିଛନ୍ତି। ସେ ସମ୍ବଲପୁର ଜିଲ୍ଲାପାଳ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ପରେ ସେ ବାଣିଜ୍ୟ ଓ ପରିବହନ ବିଭାଗର ଉପସଚିବ ଏବଂ ଓଡିଶା ଅର୍ଥ ନୀଗମର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ୍ୟ କାମ କରିଥିଲେ। ସେ କିଛି ଦିନ ପାଇଁ ୟୁନାଇଟେଡ ନେସନ ଇଣ୍ଡଷ୍ଟ୍ରିୟାଲ ଡେଭଲପମେଣ୍ଟ ଅର୍ଗାନାଇଜେନସରେ କାମ କରିଥିଲେ। କେନ୍ଦ୍ରୀୟ ଡେପୁଟେସନରୁ ଫେରି ସେ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ, ପରିବହନ କମିଶନର, ସ୍ୱାସ୍ଥ୍ୟ ସଚିବ ଓ ବାଣିଜ୍ୟ କର କମିଶନର ଭାବେ କାମ କରିଥିଲେ। ୨୦୦୯ରେ ତାଙ୍କୁ ଯୋଜନା କମିଶନର ଯୁଗ୍ମ ସଚିବ ଭାବେ ୫ ବର୍ଷ ପାଇଁ କାମ କରିଥିଲେ। ପରେ ସେ କେନ୍ଦ୍ର କ୍ୟାବିନେଟ ସେକ୍ରେଟାରିଏଟରେ ଦୁଇ ବର୍ଷ ପାଇଁ ଯୁଗ୍ମ ସଚିବ ଭାବେ କାମ କରିଥିଲେ।

## ନକ୍ସଲ ଅନୁପ୍ରବେଶ ଆଶଙ୍କା

# ଆନ୍ତଃରାଜ୍ୟ ସୀମାରେ ହାଇଆଲର୍ଟ




**ମାଲକାନଗିରି, ୭।୯(ସଂଚାର ବ୍ୟୁରୋ):** ଓଡ଼ିଶ ସୀମାକୁ ଲାଗିଥିବା ଛତିଶଗଡରେ ନକ୍ସଲ ଦମନ ଅପରେସନ ଜୋରଦାର କରାଯାଉଛି। ଲଗାତାର ନକ୍ସଲ ଦମନରେ ସଫଳତା ମିଳିବାରେ ଲାଗିଛି। ଚଳିତ ବର୍ଷ ପ୍ରାୟ ୧୫୦ ନକ୍ସଲଙ୍କ ନିହତ ହୋଇଥିବା ବେଳେ ୩୦୦ ଉର୍ଦ୍ଧ୍ୱ ଗିରଫ ଏବଂ ୫୦୦ ଉର୍ଦ୍ଧ୍ୱ ନକ୍ସଲ ଆତ୍ମସମର୍ପଣ କରିସାରିଲେଣି। ନକ୍ସଲଙ୍କର ଗଡ ଭାବେ ପରିଚିତ ଆବୁଝମାଡ ଜଂଗଲରେ ପୁଲିସ ବାହିନୀ କମ୍ବିଂ ଜୋରଦାର କରିଛି। ସପ୍ତାହକ ମଧ୍ୟରେ ୧୫ ଜଣ ନକ୍ସଲଙ୍କର ମୃତ୍ୟୁ ହେଲାଣି। ନକ୍ସଲ ଲୁଚିବା ପାଇଁ ସ୍ଥାୟୀ ସୁରକ୍ଷିତ ସ୍ଥାନ ଖୋଜୁଛନ୍ତି। ନିକଟରେ ଛତିଶଗଡରୁ ତେଲେଙ୍ଗାନାକୁ ପଳାୟନ କରିଥିବା ନକ୍ସଲ ଗ୍ରେହାଉଣ୍ଡ ଯବାନଙ୍କ ଗୁଳିର ଶିକାର ହୋଇଥିଲେ। ନକ୍ସଲମାନେ ମାଲକାନଗିରି ଜିଲ୍ଲାକୁ ମଧ୍ୟ ପଶିଆସିବାର ଆଶଙ୍କା ଥିବାରୁ ଜିଲ୍ଲା ପୋଲିସ ସଜାଗ ହୋଇ ଉଠିଛି। ମାଲକାନଗିରି ପୋଲିସ, ବିଏସଏଫ, ଡିଭିଏଫ ଓ ଏସଓଜି ତରଫରୁ ଆନ୍ତଃରାଜ୍ୟ ସୀମାରେ ହାଇଆଲର୍ଟ ଜାରି ସହ କମ୍ବିଂ ଅପରେସନ୍ କରାଯାଉଥିବା ଏସ୍‌ପି ନୀତିଶ ୱାଧୱାନୀ ପ୍ରକାଶ କରିଛନ୍ତି।

ଏସ୍‌ପି କହିଛନ୍ତି, ନକ୍ସଲଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ଗୋଇନ୍ଦା ବ୍ୟବସ୍ଥାକୁ ଆଲର୍ଟ କରାଯାଇଛି। ବିଶେଷକରି ଛତିଶଗଡ଼ ସୀମାରେ କମ୍ବିଂ ଅପରେସନ ଜୋରଦାର କରାଯାଉଛି ବୋଲି କହିଥିଲେ। ନକ୍ସଲ ପୁଣି ଜିଲ୍ଲାରେ ପଶିଲେ ସ୍ଥିତି ପୂର୍ବାବସ୍ଥାକୁ ଫେରିବାର ସମ୍ଭାବନା ରହିଥିବାରୁ ଯବାନଙ୍କୁ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଜିଲ୍ଲାର ପଡ଼ିଆ, କାଳିମେଳା, ମାଥିଲି ବ୍ଲକ ଦେଇ ଛତିଶଗଡ଼ ସୀମା ଲାଗି ରହିଥିବାରୁ ଏହି ତିନି ବ୍ଲକର ଆଭ୍ୟନ୍ତରୀଣ ଜଂଗଲରେ ନକ୍ସଲ ଲୁଚି ରହିବେ ବୋଲି ଆଶଂକା କରାଯାଉଛି। ଘାଇଲା ନକ୍ସଲ ଯେପରି ମାଲାକନଗିରି ଜିଲ୍ଲାରେ ନ ପଶନ୍ତି ସେଥିପାଇଁ ସମସ୍ତ ବାଟକୁ ବନ୍ଦ କରାଯାଇଥିବା ପୁଲିସ ବିଭାଗ ତରଫରୁ କୁହାଯାଇଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha)

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର